R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୨୯
ତିଥି : ତୃତୀୟା
୧୨ ଫେବୃଆରୀ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 129
12 Feb 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

## || ଶ୍ରଦ୍ଧାଞ୍ଜଳି ||



# ଡ. ସାତକଡ଼ି ହୋତା

ଆବିର୍ଭାବ : ୨୦.୧୦.୧୯୨୯
ତିରୋଧାନ : ୧୧.୦୨.୨୦୨୪



## ଇତିହାସ

୧୨୬୬– ଦିଲ୍ଲୀ ସୁଲତାନ ନାସିରୁଦ୍ଦିନ ଶାହଙ୍କ ପରଲୋକ ।
୧୮୨୪– ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ତଥା ପ୍ରଖର ସମାଜ ସୁଧାରକ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ।
୧୫୦୨– ଭାସ୍କୋଡାଗାମା ଲିସ୍‌ବନରୁ ଦ୍ୱିତୀୟ ଥର ପାଇଁ ଭାରତ ଅଭିମୁଖେ ବାହାରିଲେ ।
୧୬୮୯– ୱିଲିୟମ୍ ଓ ମ୍ୟାରୀଙ୍କୁ ଇଂଲଣ୍ଡର ରାଜା ଓ ରାଣୀ ରୂପେ ଘୋଷିତ କରାଗଲା ।
୧୭୩୬– ନାଦିର ଶାହ ଫ୍ରାନ୍ସର ଶାସକ ହେଲେ ।
୧୯୨୨– ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହୃତ ନେଇ ମହାତ୍ମା ଗାନ୍ଧୀଙ୍କ ଘୋଷଣା ।
୧୯୪୬– କୋଲକାତା ଦଙ୍ଗାରେ ୧୪ ଜଣଙ୍କର ମୃତ୍ୟୁ ।
୧୯୫୩– ସୁଡାନକୁ ନେଇ ଇଜିପ୍ଟ ଓ ବ୍ରିଟେନ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।
୧୯୭୯– ଭାରତ ନିଜକୁ ବସନ୍ତମୁକ୍ତ ରାଷ୍ଟ୍ର ରୂପେ ଘୋଷଣା କଲା ।
୨୦୦୯– ପ୍ରସିଦ୍ଧ ଭାରତୀୟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କୁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଡିଲିଟ୍ ଉପାଧିରେ ସମ୍ମାନିତ କରିବା ଲାଗି ଘୋଷଣା କଲା ।

## ସ୍ୱାସ୍ଥ୍ୟବର୍ଦ୍ଧକ




ବର୍ତ୍ତମାନ ଏକ ରିପୋର୍ଟ ଅନୁସାରେ ଭାରତୀୟଙ୍କ ଶରୀରରେ ଭିଟାମିନ୍ ବି –୧୨ର ମାତ୍ରା ବଢି ଚାଲିଛି । ତେବେ ବର୍ତ୍ତମାନର ସମସ୍ୟା ହେଲା ଶରୀରରେ ବି–୧୨ର ଅଭାବ ହେଲେ ଜଣା ପଡିବାରେ ସମସ୍ୟା ହୋଇଥାଏ । ଏହାର ପ୍ରଭାବ ଶରୀରର ସମସ୍ତ ଅଙ୍ଗ ଉପରେ ପଡିଥାଏ ବିଶେଷଭାବେ ମସ୍ତିଷ୍କ ଉପରେ ଦେଖିବାକୁ ମିଳିଥାଏ । ଏହା ମସ୍ତିଷ୍କକୁ ବିଭିନ୍ନ ପ୍ରକାର ଅସୁବିଧାରେ ପକାଇଥାଏ । ରିପୋର୍ଟ ଅନୁସାରେ ପାଖାପାଖି ୪୭ ପ୍ରତିଶତ ଭାରତୀୟ ଭିଟାମିନ ବି –୧୨ର ଅଭାବରେ ପୀଡିତ ଅଛନ୍ତି । ମାତ୍ର ୨୬ ପ୍ରତିଶତଙ୍କ ଦେହରେ ଏହାର ସଠିକ ମାତ୍ରା ମିଳିଥିବା ଏହି ରିପୋର୍ଟରେ ପ୍ରକାଶ କରାଯାଇଛି । ବି –୧୨ର ଅଭାବ ଆମେ ରକ୍ତ ପରୀକ୍ଷାରୁ ହିଁ ଜାଣି ପାରିବୁ । ତେବେ କିଛି ଲକ୍ଷଣ ରହିଛି ଯେଉଁଥିରୁ ଭିଟାମିନ ବି –୧୨ ଅଭାବ ସମ୍ପର୍କରେ ଜାଣିହେବ । ଯେପରି କମ କାମ କଲେ ମଧ୍ୟ ଥକ୍କା ଲାଗିବା । ଦୁର୍ବଳତା, ଓଜନ ହ୍ରାସ, ବାନ୍ତି ହେବା, ହାତ ଗୋଡ ଝିମ୍‌ଝିମ୍ ହେବା, ମାନସିକ ସ୍ତରରେ ଦୁର୍ବଳତା ଲାଗିବା ଆଦି ହେଉଛି ବି–୧୨ ଅଭାବର ସୂଚନା । ଯଦି ଏଭଳି କିଛି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ, ଉପଯୁକ୍ତ ଚିକିତ୍ସା କରିବା ଫଳରେ ଏହି ସମସ୍ୟାରୁ ମୁକ୍ତି ମିଳିବ । ଏଥିପାଇଁ ଭିଟାମିନ୍ ବି –୧୨ରେ ଭରପୁର ଥିବା ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା କେତେକାଂଶରେ କମହୋଇଥାଏ ।

## ଆଇସ୍ ବେଡ୍



ପ୍ରକୃତିର ଶାନ୍ତ ବାତାବରଣକୁ ହଲଚଲ୍ କରିଦେଇଛି ଆଇସ୍ ବେଡ୍ ନାମକ ଏହି ଫଟୋ । ଫଟୋରେ ଗୋଟିଏ ପୋଲାର୍ ବିଅର୍ ବା ମେରୁ ଅଞ୍ଚଳର ଧଳାଭାଲୁ ବରଫର ପାହାଡ଼ ଉପରେ ଶୋଇଥିବାର ଦୃଶ୍ୟ କଏଦ ହୋଇ ରହିଛି । ବ୍ରିଟିଶ ଫଟୋଗ୍ରାଫର୍ ନିମା ସାରିଖାନୀ ଏହି ଫଟୋଟିକୁ ଉଠାଇଥିବାବେଳେ ଏହି ସୁନ୍ଦର ଫଟୋ ପାଇଁ ତାଙ୍କୁ ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ଅଫ୍ ଦି ଇଅର ପିପୁଲ୍ସ ଚଏସ୍ ଆୱାର୍ଡ ପ୍ରଦାନ କରାଯାଇଛି । ଲଣ୍ଡନର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଦ୍ୱାରା ଆୟୋଜିତ ଏକ ପ୍ରତିଯୋଗିତାରେ ୯୫ଟି ଦେଶର ପ୍ରତିଭାଶାଳୀ ଫଟୋଗ୍ରାଫର୍‌ଙ୍କ ଦ୍ୱାରା ପ୍ରାୟ ୫୦ ହଜାର ଫଟୋ ସ୍ଥାନ ପାଇଥିଲା । କଡ଼ା ପ୍ରତିଯୋଗିତା ସତ୍ତ୍ୱେ ନିମାଙ୍କ ଏହି ଆଇସ୍ ବେଡ୍ ଫଟୋ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଯାହାଫଳରେ ୭୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିମାଙ୍କୁ ଭୋଟ୍ ଦେଇ ବିଜୟୀ କରାଇଛନ୍ତି ।



## ଏଆଇ ଶିଶୁ ଟଙ୍ଗ୍ ଟଙ୍ଗ୍

ବର୍ତ୍ତମାନ ବିଶ୍ୱର ପ୍ରଥମ ଏଆଇ ଶିଶୁକୁ ଉଦ୍ଭାବନ କରାଯାଇଛି । ଏହି ଏଆଇ ଶିଶୁ ଅବିକଳ ମନୁଷ୍ୟ ଭଳି ଗତିବିଧି ପ୍ରଦର୍ଶନ କରୁଛି ଏବଂ ଏହା ନିକଟରେ ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ରହିଛି । ୩ ବର୍ଷର ଏହି ଏଆଇ ଶିଶୁ ନିକଟରେ ମଣିଷ ଛୁଆ ପରି ଭାବନାତ୍ମକ ବ୍ୟବହାର କରିବାର କ୍ଷମତା ରହିଛି । କେତେବେଳେ ସେ ରାଗୁଛି ତ' ଆଉ କେତେବେଳେ ସେ ଖୁସି ହୋଇ ହସୁଛି । ଏହାସହ କାନ୍ଦୁଛି ମଧ୍ୟ । ପ୍ରଥମ ଥର ପାଇଁ ଚୀନ୍ ପକ୍ଷରୁ ଏଭଳି ଉଦ୍ୟମ କରାଯାଇ ଏହି ଏଆଇ ଶିଶୁକୁ ପ୍ରସ୍ତୁତ କରାଯାଇଛି । ରିପୋର୍ଟ ମୁତାବକ, ଚୀନ୍‌ର ବେଜିଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଜେନେରାଲ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ବିଆଇଜିଏଆଇ) ଏହି ଏଆଇ ଶିଶୁକି ବିକଶିତ କରିଛି । ଏହାର ନାଁ ରଖାଯାଇଛି ଟଙ୍ଗ୍ ଟଙ୍ଗ୍, ଯାହାର ଅର୍ଥ ହେଉଛି ଲିଟିଲ୍ ଗର୍ଲ ବା ଛୋଟ ଝିଅ । ନିକଟରେ ଏହି ଏଆଇ ଶିଶୁକୁ ଲଞ୍ଚ୍ କରାଯାଇଥିବାବେଳେ ଲୋକେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କାହିଁକି ନା ଏହି ଶିଶୁ ନିକଟରେ ମଣିଷ ଛୁଆ ଭଳି ନିରୀହ ଗୁଣ ରହିଥିବାବେଳେ ଏହା ଅନୁଭବୀ ଏବଂ ବଡ଼ ଲୋକଙ୍କ ଭଳି ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛି । ଏହା ଲୋକଙ୍କ ଠାରୁ ଶିକ୍ଷା ଗ୍ରହଣ କରିବା ଲାଗି ମଧ୍ୟ ସକ୍ଷମ । ଅର୍ଥାତ୍ ଯଦି ଆପଣ ସେହି ଶିଶୁକୁ କିଛି କହୁଛନ୍ତି ତେବେ ସେ ତୁରନ୍ତ ଆପଣଙ୍କ କଥାକୁ ନକଲ କରିବା ସହିତ ଆପଣଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରୁଛି । ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଶିଶୁର ଏକ ଭିଡିଓ ସେୟାର କରାଯାଇଛି, ଯେଉଁଥିରେ ଶିଶୁଟି ଅଭିବାଦନ ଜଣାଉଥିବା ଦେଖିବାକୁ ମିଳୁଛି । ଏହାସହିତ ଚଟାଣ ସଫା କରିବା ସାଙ୍ଗକୁ ଫଟୋଫ୍ରେମ୍ ପଜଲ୍‌କୁ ସଜାଡୁଥିବା ଦେଖିବାକୁ ମିଳୁଛି ।

## ଥକି ଗଲେଣି ମୃଣାଳ



ବର୍ତ୍ତମାନ ତେଲୁଗୁ ଇଣ୍ଡଷ୍ଟ୍ରିରେ ମୃଣାଳ ଠାକୁରଙ୍କର ଢେର ପ୍ରଶଂସା ହେବାରେ ଲାଗିଛି । ୨୦୨୨ରେ ରିଲିଜ୍ ହୋଇଥିବା ତେଲୁଗୁ ଫିଲ୍ମ 'ସୀତା ରାମମ୍' ଫିଲ୍ମ ପାଇଁ ମୃଣାଳ ଢେରସାରା ପ୍ରଶଂସା ସାଉଁଟୁଛନ୍ତି । ସେହିଭଳି ତାଙ୍କର ଅନେକ ପ୍ରୋଜେକ୍ଟ ସାଉଥ୍ ଇଣ୍ଡଷ୍ଟ୍ରିରେ ଆସିବାରେ ଲାଗିଛି । ତେବେ ମୃଣାଳ ବର୍ତ୍ତମାନ ବଲିଉଡ୍‌କୁ ନେଇ ଏକ ଷ୍ଟେଟମେଣ୍ଟ ଦେଇଛନ୍ତି, ଯାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବଲିଉଡ୍‌ରେ ସେ କାମ ମାଗିମାଗି ଥକି ଗଲେଣି ବୋଲି ମୃଣାଳ ମତ ଦେଇଛନ୍ତି । ଯାହା ତାଙ୍କ ଫ୍ୟାନଙ୍କୁ ନିରାଶ କରିଛି । ବଲିଉଡ ଫିଲ୍ମମେକରଙ୍କୁ ସେ କାମ ମାଗିଲେ ମଧ୍ୟ ମିଳୁ ନାହିଁ ବୋଲି ମୃଣାଳ ମତ ଦେଇଛନ୍ତି । ତାଙ୍କୁ ସାଉଥ୍‌ରେ ଯେଉଁଭଳି ଭାବେ ରେସପନ୍ସ ମିଳୁଛି ବଲିଉଡ୍‌ରେ ମିଳୁ ନାହିଁ ବୋଲି ସେ କହିଛନ୍ତି । ବର୍ତ୍ତମାନ ସେ ନିଜ କ୍ୟାରିୟରକୁ ନେଇ ବେଶ୍ ଫୋକସ ଅଛନ୍ତି । ବର୍ତ୍ତମାନ ସେ କୌଣସି ବି କଥାରେ କମ୍ପ୍ରମାଇଜ୍ କରିବାକୁ ଚାହାନ୍ତିନାହିଁ । ସେ ଏବେ ଏଭଳି ରୋଲ କରିବାକୁ ଚାହାନ୍ତି ଯାହା ତାଙ୍କୁ ଏକ ଅଭିନେତ୍ରୀ ଭାବେ ପରିଚିତ କରାଇବ । ଏଥିପାଇଁ ସେ ପରଦାରେ ଯେ କୌଣସି ଚରିତ୍ର ଯେପରି ମା' କିମ୍ବା ଭଉଣୀ ମଧ୍ୟ କରିବାକୁ ରାଜି ଥିବା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

## ହସକଥା

ପିଣ୍ଟୁ : ମୁଁ ସେହିଭଳି ଝିଅକୁ ବାହା ହେବି ଯାହାକୁ ରୋଷେଇ ଆସୁଥିବ, ଯିଏ ଘରର ସବୁ କାମ କରୁଥିବ, ଯିଏ ଏକ ସାଦାସିଧା ଜୀବନ ବଞ୍ଚିବାକୁ ପସନ୍ଦ କରୁଥିବ ।
ସୋନୁ : ତାହେଲେ ଏ ସମସ୍ତ ଗୁଣ ତୋ ଘରେ କାମ କରୁଥିବା ଝିଅର ଅଛି ।

## ସଲ୍ଟ ହୋଟେଲ୍

ବିଶ୍ୱରେ ଅଜବ ହୋଟେଲ୍ ଓ ବିଲ୍ଡିଂର କୌଣସି ଅଭାବ ନାହିଁ । ହେଲେ ଦକ୍ଷିଣ ଆମେରିକାର ଏଣ୍ଡିଜ୍ ପର୍ବତରେ ବିଶ୍ୱର ସବୁଠୁ ଭିନ୍ନ ତଥା ଅଜବ ହୋଟେଲ୍ ରହିଛି । ଏହି ହୋଟେଲ୍‌ର ବିଶେଷତା ହେଉଛି ଏହା ଲୁଣରେ ନିର୍ମିତ । ଏହି ହୋଟେଲ୍‌ଟି ପୃଥିବୀର ସବୁଠୁ ବଡ଼ ଲୁଣ ମଇଦାନରେ ନିର୍ମାଣ କରାଯାଇଛି । କେବଳ ଘର ନୁହେଁ, ବରଂ ଫର୍ଣ୍ଣିଚର, କାନ୍ଥ, ଚଟାଣ, ମୂର୍ତ୍ତି, କବାଟ ଆଦି ସମସ୍ତ ସାମଗ୍ରୀ ଲୁଣରେ ପ୍ରସ୍ତୁତ କରାଯାଇଛି । ଏମିତିକି ଏଠାରେ ଖାଦ୍ୟ ମଧ୍ୟ କେବଳ ଲୁଣର ହିଁ ମିଳିଥାଏ । ବୋଲିଭିଆର ସାଲାର ଦି ୟୁଆନିରେ ଏହି ହୋଟେଲ ରହିଥିବାବେଳେ ସମୁଦ୍ରପତନରୁ ଏହା ୧୨ ହଜାର ଫୁଟ ଉଚ୍ଚରେ ଅବସ୍ଥିତ । ଏଠାରେ ଯୁଆଡ଼େ ବି ଦେଖିଲେ ତୁଷାର ପଡ଼ିଥିବା ନଜର ଆସିବ । ହେଲେ ତାହା ପ୍ରକୃତରେ ତୁଷାର ନୁହେଁ, ତାହା ହେଉଛି ଲୁଣ । ଏହି ହୋଟେଲ୍‌ର ନାଁ ହେଉଛି ସାଲାର୍ ଦି ସାଲ୍, ଯାହାର ଅର୍ଥ ହେଉଛି ଲୁଣର ମହଲ । ସାଲାର ଦି ୟୁଆନିର ଏହି ଅଞ୍ଚଳଟି ୪ ହଜାର ସ୍କୋୟାର ମାଇଲ୍‌ରେ ନିର୍ମିତ ଥିବାବେଳେ ଏହା ଲୁଣରେ ପରିପୂର୍ଣ୍ଣ । ତେଣୁ ଏହି ସ୍ଥାନଟିକୁ ଲୁଣର ମରୁଭୂମି କହିଲେ ଅତ୍ୟୁକ୍ତି ହେବନାହିଁ । ହୋଟେଲ୍‌ରେ କିଛି ରୁମ୍‌ର ଚଟାଣକୁ ଲୁଣର ଚାଦରରେ ଢଙ୍କାଯାଇଛି । ଏହାସହିତ ରେଷ୍ଟୋରାଁରେ ଅତିଥିଙ୍କ ପାଇଁ କେବଳ ଲୁଣିଆ ବ୍ୟଞ୍ଜନ ମିଳିଥାଏ । ଏହି ହୋଟେଲ୍‌କୁ ନିର୍ମାଣ କରିବାରେ ୩୫ ସେମି ଲୁଣଦାନାରେ ନିର୍ମିତ ପ୍ରାୟ ୧୦ ଲକ୍ଷ ବ୍ଲକ୍‌ର ବ୍ୟବହାର କରାଯାଇଛି । ୧୯୯୮ ମସିହାରେ ହୋଟେଲିଅର୍ ଜୁଆନ୍ କ୍ୱେସାଦା ବାଲଦାଙ୍କ ମାର୍ଗଦର୍ଶନରେ ଏହି ସଲ୍ଟ ହୋଟେଲ୍‌କୁ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ତାଙ୍କ ଝିଅ ଲୁସିଆ କ୍ୱେସାଦା ଏହି ହୋଟେଲ୍‌ର ପରିଚାଳନା ଦାୟିତ୍ୱରେ ଅଛନ୍ତି । ୧୦ ହଜାର ଟନ୍ ଓଜନବିଶିଷ୍ଟ ଏହି ବିଲ୍ଡିଂକୁ ନିର୍ମାଣ କରିବାରେ ସେତେବେଳେ ଦୁଇବର୍ଷର ସମୟ ଲାଗିଥିଲା ।

## ଡାବ୍ ଚିଙ୍ଗରି



**ସାମଗ୍ରୀ:** ଚିଙ୍ଗୁଡି ୩୦୦ ଗ୍ରାମ, ଗୋଟିଏ ନାଳି ପଇଡ, କଟା ପିଆଜ ୧୦୦ ଗ୍ରାମ, ୩୦ ଗ୍ରାମ ରସୁଣ, କଞ୍ଚା ଲଙ୍କା ଦୁଇଟା, ସୋରିଷ ବଟା, ପାଞ୍ଚଫୁଟଣ ।

**ପ୍ରଣାଳୀ:** ପ୍ରଥମେ ପଇଡର ଭିତର ଅଂଶକୁ କାଢି ନିଅନ୍ତୁ ଏହାକୁ ପଇଡ ପାଣି ବ୍ୟବହାର କରି ଏକ ସ୍ମୁଥ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାପରେ ପ୍ୟାନରେ ଫୁଟଣ ପକାଇ ଏଥିରେ ପିଆଜ, ରସୁଣ, ସୋରିଷ ପେଷ୍ଟ, ସମସ୍ତ ଗୁଣ୍ଡ ମସଲା ପକାଇ ଭାଜନ୍ତୁ । ଏହାପରେ ଏଥିରେ ସେହି ପେଷ୍ଟ ଓ ଚିଙ୍ଗୁଡି ପକାଇ ଗୋଳାନ୍ତୁ । ଏହି ସମସ୍ତ ମିଶ୍ରଣକୁ ଏକ ପଇଡ ଭିତରେ ରଖି ଏହାର ମୁହଁକୁ ସିଲ୍ କରି ନିଅନ୍ତୁ । ଏହି ପଇଡକୁ ୩୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ ଏହାପରେ ପ୍ରସ୍ତୁତ ହୋଇଯିବ ଡାବ୍ ଚିଙ୍ଗରି ।

## ସୋସିଆଲ କୋଟ୍ସ



"ପାଖାପାଖି ୧୨ ବର୍ଷ ପୂର୍ବେ ମୁଁ ମୋ ପିତାଙ୍କୁ ହରାଇଥିଲି । ହେଲେ ସେବେଠାରୁ ଏଭଳି ଗୋଟିଏ ଦିନ ଯାଇନି ଯେଉଁଦିନ ମୁଁ ତାଙ୍କୁ ମିସ୍ କରିନି । ପ୍ରତିଦିନ ସେ ମୋର ମନେ ପଡନ୍ତି । ତାଙ୍କର ସବୁକଥା ମୋର ମନେ ଅଛି ।

**–ଅନୁପମ ଖେର, ଅଭିନେତା**



"ଗୋଟିଏ ଫିଲ୍ମର ବକ୍ସଅଫିସର ପ୍ରଥମ ସପ୍ତାହର ଆୟର ଦୁଇଗୁଣା ହେଉଛି ପୂରା କଲେକସନ୍ । ଫିଲ୍ମର ଲାଇଫ୍‌ଟାଇମ୍ ବିଜନେସ୍ ହିରୋଙ୍କର ଫିସ୍‌ଠାରୁ କମ । ଏହି ଧାରାକୁ ବଦଳାଇବାକୁ ହେବ ।

**–ସଞ୍ଜୟ ଗୁପ୍ତା, ନିର୍ଦ୍ଦେଶକ**



"ମୁଁ ଯେତେବେଳେ ଘରେ ଯାଇ ବିଗ୍‌ବସ୍‌ର ଏପିସୋଡ ଦେଖିଲି ସେତେବେଳେ ମୋତେ ମୋର ଭୁଲର ଅନୁଭବ ହେଲା । ମୁଁ ଭିକ୍କିଙ୍କୁ ବହୁତ ଖରାପ ବ୍ୟବହାର ଦେଖାଇଛି, ଯାହା ମୋର ଭୁଲ ଥିଲା ।

**–ଅଙ୍କିତା ଲୋଖଣ୍ଡେ, ଅଭିନେତ୍ରୀ**



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୨୯
ତିଥି : ତୃତୀୟା
୧୨ ଫେବୃଆରୀ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 129
12 Feb 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




# 'ସମୟ' ପରିସରରେ ଶ୍ରଦ୍ଧାଞ୍ଜଳି





## ଚିରଞ୍ଜୀବ ବିଶ୍ୱାଳ

ବିଶିଷ୍ଟ ସାହିତ୍ୟିକ, ବାଗ୍ମୀ ଓ ଯଶସ୍ୱୀ ସମ୍ପାଦକ ସାତକଡି ହୋତାଙ୍କ ବିୟୋଗରେ ସମୟ ପରିଚାଳନା ମଣ୍ଡଳୀର ଅଧ୍ୟକ୍ଷ ଚିରଞ୍ଜୀବ ବିଶ୍ୱାଳ ଗଭୀର ଶୋକ ପ୍ରକଟ କରିଛନ୍ତି । ଶୋକବାର୍ତ୍ତାରେ ସେ କହିଛନ୍ତି ଯେ ସାତକଡି ହୋତାଙ୍କ ଭଳି ଜଣେ ପ୍ରତିଭାବନ୍ତ ବ୍ୟକ୍ତିତ୍ୱଙ୍କର ଦେହାବସାନ ସମୟ ସର୍ବୋପରି ରାଜ୍ୟର ସାରସ୍ୱତ ଜଗତ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ସେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ସେ ତାଙ୍କ ପରିବାରକୁ ଏଭଳି ସମୟରେ ଦୁଃଖ ସହ୍ୟ କରିବା ପାଇଁ ପ୍ରଭୁ ଜଗନ୍ନାଥ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ।





## ରଞ୍ଜୀବ ବିଶ୍ୱାଳ

'ସମୟ'ର ମୁଖ୍ୟସମ୍ପାଦକ ସାତକଡି ହୋତାଙ୍କ ବିୟୋଗରେ ପୂର୍ବତନ ସାଂସଦ ତଥା ସମୟର ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ ଗଭୀର ଶୋକପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ୧୯୯୬ରୁ ଅଦ୍ୟାବଧି ଶ୍ରୀ ହୋତା ସମୟର ମୁଖ୍ୟ ସମ୍ପାଦକ ଦାୟିତ୍ୱରେ ରହି ସମୟକୁ ରାଜ୍ୟର ଏକ ଆଗଧାଡିର ସମ୍ବାଦପତ୍ର ଭାବେ ଗଢି ତୋଳିଥିଲେ । ବିଶେଷ କରି ତାଙ୍କ ଲିଖିତ ସମ୍ପାଦକୀୟ ସ୍ତମ୍ଭ ପାଠକ ମହଲରେ ବିଶେଷ ଆଦୃତ ହୋଇପାରିଥିଲା ।  ତାଙ୍କର ଲେଖାଗୁଡିକରେ ମଧ୍ୟ ସ୍ୱତନ୍ତ୍ର ଛାପ ରହିଥିଲା । ଯାହାକି ସମୟକୁ ଅନ୍ୟମାନଙ୍କ ତୁଳନାରେ କରିଥିଲା ସ୍ୱତନ୍ତ୍ର ଓ ଅନନ୍ୟ । ତାଙ୍କ ଭଳି ଜଣେ ବିଜ୍ଞ ସମ୍ପାଦକ, ସାହିତ୍ୟିକ ଓ ବାଗ୍ମୀଙ୍କ ବିୟୋଗରେ ସମୟର ପରିବାର ତଥା ରାଜ୍ୟ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ଘଟିଛି ।  ସେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।





## ତେଜଲ ବିଶ୍ୱାଳ

'ସମୟ'ର ମୁଖ୍ୟ ସମ୍ପାଦକ ସାତକଡି ହୋତାଙ୍କ ବିୟୋଗରେ 'ସମୟ'ର ପରିଚାଳନା ନିର୍ଦ୍ଦେଶିକା ତେଜଲ ବିଶ୍ୱାଳ ମର୍ମାହତ ବୋଲି ଉଲ୍ଲେଖ କରିଛନ୍ତି । ଶୋକବାର୍ତ୍ତାରେ ସେ କହିଛନ୍ତି ଯେ ଶ୍ରୀ ହୋତା ସମୟ ପାଇଁ ଜଣେ ଅଭିଭାବକ ଥିଲେ । ତାଙ୍କର ନୀତି, ଦକ୍ଷତା ଓ କାର୍ଯ୍ୟଶୈଳୀ ଆମକୁ ସବୁବେଳେ ମାର୍ଗଦର୍ଶନ କରିଆସୁଥିଲା ।  ତାଙ୍କର ପରଲୋକ ଆମ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି ।





## ଅନୀତା ମହାନ୍ତି

ସାତକଡି ହୋତାଙ୍କ ବିୟୋଗରେ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ଶୋକ ପ୍ରକାଶ କରିଛନ୍ତି । ଶୋକବାର୍ତ୍ତାରେ କହିଛନ୍ତି ଯେ ଶ୍ରୀ ସାତକଡି ହୋତା ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଜଣେ ଅନୁଷ୍ଠାନ । ମୁଁ ସମୟର ପରିଚାଳନା ଦାୟିତ୍ୱ ନେବା ପରେ ସେ  ଆମକୁ ପ୍ରତି ମୁହୂର୍ତ୍ତରେ  ମାର୍ଗଦର୍ଶନ କରି ଆସୁଥିଲେ ।  ସବୁ କ୍ଷେତ୍ରରେ ସେ ସହଯୋଗ ମଧ୍ୟ କରୁଥିଲେ । ମୋଟାମୋଟି ଭାବେ କହିବାକୁ ଗଲେ ସେ ସମୟର ମେରୁଦଣ୍ଡ ଥିଲେ । ପ୍ରତିଷ୍ଠାତା ବସନ୍ତ ବିଶ୍ୱାଳଙ୍କ ପରେ ସେ ଥିଲେ ଆମ ମୁରବି । ତାଙ୍କର ବିୟୋଗ ମୁଁ ବ୍ୟକ୍ତିଗତ ଭାବେ ଓ 'ସମୟ' ପାଇଁ ଅପୂରଣୀୟ ଅନୁଭବ କରୁଛି । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ  ପ୍ରଭୁ ତାଙ୍କ ପରିବାରଙ୍କୁ ଦୁଃଖ ସହ୍ୟ କରିବା ପାଇଁ ଶକ୍ତି ଦିଅନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି ।





## ମାନସ ମଙ୍ଗରାଜ

ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ପ୍ରବୀଣ ସାହିତ୍ୟିକ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡି ହୋତାଙ୍କର ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।  ସୋସିଆଲ୍ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଆ ସାହିତ୍ୟ ପାଇଁ ଏହା ଏକ ଅପୂରଣୀୟ କ୍ଷତି । ଶ୍ରୀ ହୋତାଙ୍କ ସାହିତ୍ୟ ପ୍ରତି ଥିବା ଅବଦାନ ସର୍ବଦା ତାଙ୍କୁ ସ୍ମରଣୀୟ କରି ରଖିବ । ସେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।





## ଉତ୍କଳ ସାମ୍ବାଦିକ ସଂଘ

ଓଡିଶାର ପ୍ରଖ୍ୟାତ ସାହିତ୍ୟିକ, ଦୈନିକ ସମୟର ମୁଖ୍ୟ ସମ୍ପାଦକ ଏବଂ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ବିଶିଷ୍ଟ ଔପନ୍ୟାସିକ  ସାତକଡି ହୋତାଙ୍କର ଦେହାନ୍ତରେ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ସଙ୍ଘର ରାଜ୍ୟ ସଭାପତି ବିଭୁତିଭୂଷଣ କର ଓ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଏକ ଶୋକ ବାର୍ତ୍ତାରେ ଶ୍ରୀ ହୋତାଙ୍କୁ ହରାଇ ସାରା ଓଡିଶାର ସାମ୍ବାଦିକ ଜଗତ ଶୂନ୍ୟତା ଅନୁଭବ କରିବା ସହ ଉତ୍କଳ ସାମ୍ବାଦିକ ସଙ୍ଘ ତା'ର ଜଣେ ମୁରବିଙ୍କୁ ହରାଇଲା ବୋଲି କହିଛନ୍ତି। ସ୍ୱର୍ଗତ ହୋତା ସଙ୍ଘର ବଡ ଶୁଭେଚ୍ଛୁ ଥାଇ ସମସ୍ତ ସଦସ୍ୟ ମାନଙ୍କର ଅତିପ୍ରିୟ ପାତ୍ର ଥିଲେ ଓ ସର୍ବଦା ସାମ୍ବାଦିକ ମାନଙ୍କ ସ୍ୱାର୍ଥର ସୁରକ୍ଷା ତଥା ଦୁଃଖ ସୁଖରେ ଭାଗିଦାର ଥିଲେ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ତାଙ୍କ ନିଧନ ସଂଘ  ତଥା ସାମ୍ବାଦିକ ଜଗତ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛିଛି । ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି କାମନା ସହିତ ଶୋକ ସନ୍ତପ୍ତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୨୯
ତିଥି : ତୃତୀୟା
୧୨ ଫେବୃଆରୀ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 129
12 Feb 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ସାହିତ୍ୟ ଜଗତ ସ୍ତବ୍ଧ

## ବିଶିଷ୍ଟ ସାହିତ୍ୟିକ ତଥା 'ସମୟ'ର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କ ପରଲୋକ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ବିଶିଷ୍ଟ ସାହିତ୍ୟିକ, ସାରସ୍ୱତ ସାଧକ ଏବଂ ପ୍ରଶାସକ ତଥା ସମୟର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କର ପରଲୋକ ହୋଇଛି । ରବିବାର ଦିନ ୧୨.୨୫ ମିନିଟ୍‌ରେ କନ୍ୟା ସୌମ୍ୟା ରଥଙ୍କ ଆଇଆର୍‌ସି ଭିଲେଜ ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ । ତାଙ୍କ ପରଲୋକରେ ଓଡ଼ିଶା ସାହିତ୍ୟ ଜଗତରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜ୍ୟର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଡ.ଅଶୋକ ମହାପାତ୍ର, ଲେଖିକା ଡ. ଇନ୍ଦିରା ଦାଶ, ସାଂସଦ ଅମର ପଟ୍ଟନାୟକ, ଅଲେଖ ପଡ଼ିଆରୀ, ଡ. ପିତବାସ ରାଉତରାୟ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଡ. ଉଷା ପାଢ଼ୀ, ପ୍ରଶାସନିକ ଅଧିକାରୀ ଡ. ଉଷା ଦାଶ, ସାହିତ୍ୟିକ ରମାକାନ୍ତ ମିଶ୍ର, ଦିନଲିପିର ସମ୍ପାଦକ ମନୋଜ



ମହାପାତ୍ର, 'ସମୟ'ର ପରିଚାଳନା ନିର୍ଦ୍ଦେଶିକା ତେଜଲ ବିଶ୍ୱାଳ, ନିର୍ଦ୍ଦେଶିକା ଅନୀତା ମହାନ୍ତି, ଡ. କିଶୋର ବାସା, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ସାହିତ୍ୟ ଏକାଡେମୀ ସଭାପତି ହୃଷିକେଶ ମଲ୍ଲିକ, ଅମିତାଭ ସ୍ୱାଇଁ, ଭୁବନେଶ୍ୱର ପୁସ୍ତକ ମେଳା କମିଟି ପକ୍ଷରୁ ପବିତ୍ର ପ୍ରଧାନ, ସକାଳର ସିଇଓ ସୁବ୍ରତ ଦାସ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ପୂର୍ବାହ୍ନରେ ତାଙ୍କ ମରଶରୀରକୁ ତାଙ୍କ କର୍ମ ଭୂମି 'ସମୟ' କାର୍ଯ୍ୟାଳୟକୁ ନିଆଯିବା ପରେ ସେଠାରେ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । 'ସମୟ'ର ଅଧ୍ୟକ୍ଷ ଚିରଞ୍ଜୀବ ବିଶ୍ୱାଳ, ନିର୍ଦ୍ଦେଶିକା ଅନିତା ମହାନ୍ତି, ସମ୍ପାଦକ ରାକେଶ ମହାନ୍ତି, ଜେନେରାଲ ମ୍ୟାନେଜର ପ୍ରଦୀପ୍ତ ଲେଙ୍କା, ବାର୍ତ୍ତା ସମ୍ପାଦକ ପପୁ ମହାନ୍ତି, ଶାରଦା ଦେବତା, ମଳୟ ନାୟକ, 'ସମୟ' ଲାଇଭ୍‌ର ଜେନେରାଲ ମ୍ୟାନେଜର ସୁଭେନ୍ଦ୍ର ପଟ୍ଟନାୟକ, ବିଜ୍ଞାପନ ମ୍ୟାନେଜର ସମୀର ସାମଲ, ଡିଜିଏମ୍ ଆକାଉଣ୍ଟସ୍ ବିଜନ ପାଢ଼ୀ, ମ୍ୟାନେଜର ଏଚ୍‌ଆର୍ ସତ୍ୟନାରାୟଣ ମହାନ୍ତି ପ୍ରମୁଖ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ସେଠାରୁ ପାର୍ଥୀବ ଶରୀରକୁ ଷ୍ଟେସନ ସ୍କୋୟାର ସ୍ଥିତ ବାସଭବନକୁ ନିଆଯାଇଥିଲା । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସୋମବାର ସକାଳେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶ୍ରୀ ହୋତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହେବ ।

୧୯୨୯ ମସିହା ଅକ୍ଟୋବର ୨୯ ତାରିଖରେ ମୟୁରଭଞ୍ଜ ଜିଲ୍ଲାର ଜଗନ୍ନାଥ ଖୁଣ୍ଟା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ହୋତା ବାରିପଦା ହାଇସ୍କୁଲ ଶିକ୍ଷା ସମାପ୍ତି ପରେ ପୁରୀ ସ୍ଥିତ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ଅନର୍ସ ସହିତ ବି.ଏ ପାସ କରିଥିଲେ । ସେ କଟକ ସ୍ଥିତ ମଧୁସୂଦନ ଆଇନ କଲେଜରୁ ଏଲ୍‌ଏଲ୍‌ବି ମଧ୍ୟ ପାସ କରିଛନ୍ତି । ଛାତ୍ର (୯ ପୃଷ୍ଠାରେ)



## ସାତକଡ଼ି ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ବିଶିଷ୍ଟ ସାହିତ୍ୟିକ, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡି ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଜଣେ ପ୍ରତିଷ୍ଠିତ ତଥା ଖ୍ୟାତି ସମ୍ପନ୍ନ ସାହିତ୍ୟିକ ଭାବେ ସାତକଡି ହୋତାଙ୍କ ସୁନାମ ରହିଥିଲା । ଅନେକ ଉଚ୍ଚକୋଟୀର ଗଳ୍ପ, ଉପନ୍ୟାସ, କବିତା ଓ ଅନୁବାଦ ସାହିତ୍ୟ ରଚନା ମାଧ୍ୟମରେ ଓଡିଆ ସାହିତ୍ୟ ଜଗତରେ ସେ ତାଙ୍କର ଅମଳିନ ସ୍ମୃତି ଛାଡି ଯାଇଛନ୍ତି । ଏଥି ସହିତ ଜଣେ ଦକ୍ଷ ସଂଗଠକ ଓ ସାମ୍ବାଦିକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଥିଲା ।

ତାଙ୍କ ବିୟୋଗ ଓଡିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି । ସ୍ୱର୍ଗତ ସାତକଡ଼ି ହୋତାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ହୋତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

### ରାଷ୍ଟ୍ରୀୟ ସମ୍ମାନ ସହ ହେବ ଶେଷକୃତ୍ୟ

## କେନ୍ଦୁପତ୍ର ତୋଳାଳୀଙ୍କୁ ୫୦% ବୋନସ୍

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦୁ ପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ କେତେକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଅନୁଯାୟୀ କେନ୍ଦୁ ପତ୍ର ତୋଳାଳୀମାନଙ୍କୁ ଚଳିତ ଫସଲ ଋତୁ ପାଇଁ ୫୦ ପ୍ରତିଶତ ବୋନସ୍ ମିଳିବ । ଏହି ବୋନସ୍ ପରିମାଣ ଗତ ବର୍ଷଠାରୁ ଦୁଇ ଗୁଣ ଅଟେ । ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ଜମା ହେବ । ସେହିପରି କେନ୍ଦୁ ପତ୍ର ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀଙ୍କ ପାଇଁ ୧୦ ପ୍ରତିଶତ ଇନ୍‌ସେଟିଭ୍‌ର ବ୍ୟବସ୍ଥା କରାଯାଇଛି । ସାମୟିକ କର୍ମଚାରୀଙ୍କୁ ଏକ ମାସ ଅଧିକ କାମ ଦିଆଯିବ ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କେନ୍ଦୁ ପତ୍ର ପ୍ରତି ବିଡା ମୂଲ୍ୟରେ ବୃଦ୍ଧି ଘୋଷଣା କରିଛନ୍ତି । କୋଡିଏ ପତ୍ର ବିଶିଷ୍ଟ ବିଡାର ମୂଲ୍ୟ ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ଚାଳିଶ ପତ୍ର ବିଶିଷ୍ଟ ବିଡାର ମୂଲ୍ୟ ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି କରାଯାଇଛି ।

ସୂଚନାଯୋଗ୍ୟ ଯେ ସାମୟିକ କର୍ମଚାରୀ ମାନଙ୍କ ମଜୁରୀ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ସରକାର ଗ୍ରହଣ କରିଛନ୍ତି । ସେମାନଙ୍କର (୯ ପୃଷ୍ଠାରେ)

## ଭୁବନେଶ୍ୱରରେ କଗ୍ନିଜେଣ୍ଟର ନୂଆ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ବିଶ୍ୱର ଅନ୍ୟତମ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ କମ୍ପାନୀ କଗ୍ନିଜେଣ୍ଟ ଟେକ୍ନୋଲୋଜୀର ଭୁବନେଶ୍ୱର କେନ୍ଦ୍ରକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଉଦ୍‌ଘାଟନ କରିଛନ୍ତି ।

ଉଦ୍‌ଘାଟନୀ ସମାରୋହରେ କଗ୍ନିଜେଣ୍ଟର ସିଇଓ ରବି କୁମାର, ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ ପାଣ୍ଡିଆନ, ଆଇଟି, କ୍ରୀଡ଼ା ଓ ଯୁବସେବା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡାଙ୍କ ସମେତ କମ୍ପାନୀର ବରିଷ୍ଠ ନେତୃତ୍ୱ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, 'ଓଡ଼ିଶାର ପ୍ରଗତି ଯାତ୍ରାର ଏହା ଆଉ ଏକ ସଫଳ କାହାଣୀ, ଖୁସିର ବିଷୟ ଯେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱତନ୍ତ୍ର



ପରିଚୟର ଅଧିକାରୀ କଗ୍ନିଜେଣ୍ଟ ଏବେ ରାଜ୍ୟର କ୍ରମବର୍ଦ୍ଧମାନ ଅର୍ଥନୀତି ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ଭୁବନେଶ୍ୱରକୁ ଦେଶର ଅନ୍ୟତମ ସହର ଭାବରେ ଯୋଡ଼ିଛି । ରାଜ୍ୟ ଦୃଢ଼ ଆତ୍ମବିଶ୍ୱାସର ସହ ଆଗେଇଚାଲିଛି । ମୋର ବିଶ୍ୱାସ ନୂତନ ଉଦ୍ୟୋଗ, ବୈଷୟିକ ଉଭାବନ ଏବଂ ନୂତନ ଯୁଗର ଚିନ୍ତାଧାରାକୁ ପ୍ରୋତ୍ସାହିତ କରି ଏକ ସୁଦୃଢ଼ ଇକୋସିଷ୍ଟମଦ୍ୱାରା ଓଡ଼ିଶା ବିକାଶର ପଥକୁ ଅଧିକ ସଂପ୍ରସାରିତ କରିପାରିବ । କଗ୍ନିଜେଣ୍ଟର ଉପସ୍ଥିତି ଓଡ଼ିଶାର ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ । କମ୍ପାନୀର ସଂପ୍ରସାରଣ ପାଇଁ ମଧ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯିବ ।

### ଓଡ଼ିଶା ପ୍ରଗତି ଯାତ୍ରାର ଆଉ ଏକ ସଫଳ କାହାଣୀ : ମୁଖ୍ୟମନ୍ତ୍ରୀ

କଗ୍ନିଜେଣ୍ଟର ସିଇଓ ରବି କୁମାର ଏସ୍ କହିଛନ୍ତିଯେ ଭୁବନେଶ୍ୱରର ଏହି ନୂଆ ବୈଷୟିକ କେନ୍ଦ୍ରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାପାଇଁ ଆମେ ଉତ୍ସାହିତ ଅଛୁ । ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ଖୋଲିବା ସହିତ ଟାୟାର-୨ ସହରରେ ଆମର ସମ୍ପ୍ରସାରଣ କରିଥିବାରୁ ଆମେ ଉତ୍ସାହିତ । ରାଜ୍ୟର ସୁବ୍ୟବସ୍ଥିତ ପ୍ରଯୁକ୍ତିବିଦ୍ୟା ନୀତି, ବୈଷୟିକ ଶିକ୍ଷାନୁଷ୍ଠାନ, ସୁଦୃଢ଼ ଭିତ୍ତିଭୂମି ଏବଂ ରାଜ୍ୟ ସରକାରଙ୍କ ସହଯୋଗୀ ମନୋଭାବ ଆମକୁ ଆକର୍ଷିତ କରିଛି । ଆମ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ । ଭୁବନେଶ୍ୱରରେ କଗ୍ନିଜେଣ୍ଟର ନୂଆ କେନ୍ଦ୍ର ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଓଡିଶାରେ କଗ୍ନିଜେଣ୍ଟର ଉପସ୍ଥିତି ରାଜ୍ୟର ସୂଚନାପ୍ରଯୁକ୍ତି ଇକୋସିଷ୍ଟମକୁ ଆହୁରି ସୁଦୃଢ କରିବ ବୋଲି ମୋର ସଂପୂର୍ଣ୍ଣ ବିଶ୍ୱାସ ।

ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ (୯ ପୃଷ୍ଠାରେ)

## କେନ୍ଦୁପତ୍ର ସହ ବଞ୍ଚିଥିବା ଲୋକଙ୍କ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ : ପାଣ୍ଡିଆନ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ବା ସେଥିରୁ ଲାଭ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ, ବରଂ କେନ୍ଦୁପତ୍ର ତୋଳାଳି ଓ କେନ୍ଦୁପତ୍ରକୁ ଜୀବନ ଜୀବୀକା କରିଥିବା ଲୋକଙ୍କ କଲ୍ୟାଣ ହେଉଛି ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା । ସମ୍ବଲପୁର ଚାରମାଲରେ କେନ୍ଦୁପତ୍ର ତୋଳାଳି ବନ୍ଧାଳି ଓ କର୍ମଚାରୀଙ୍କ ଲାଗି ମୁଖ୍ୟମନ୍ତ୍ରୀ ବଡ ଘୋଷଣା କରିବାପରେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି ୫ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । (୯ ପୃଷ୍ଠାରେ)

**୨୫ ପ୍ରତିଶତରୁ ବୋନସ ୫୦ ପ୍ରତିଶତକୁ ବୃଦ୍ଧି**

**ବନ୍ଧାଳି ଓ ସିଜନାଲ ଷ୍ଟାଫଙ୍କ ଇନସେନଟିଭ ଦୁଇ ଗୁଣା**

**ଇନସେନଟିଭ୍ ୫ ପ୍ରତିଶତରୁ ୧୦ ପ୍ରତିଶତକୁ ବୃଦ୍ଧି**



### ସମ୍ବଲପୁର ଗସ୍ତରେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଜି ଭୋର୍ ୬ଟାରୁ ସମ୍ବଲପୁର ଗସ୍ତ କରିଛନ୍ତି । ଭୋର୍‌ରୁ ମହାନଦୀ ହାପ୍ ମାରାଥନକୁ ପତାକା ଦେଖାଇ ଆରମ୍ଭ କରିଛନ୍ତି । ଏହି ମାରାଥନରେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ସମ୍ବଲପୁରର କ୍ରୀଡା ସଂସ୍କୃତି ବେଶ୍ ଭଲ । ଏହାକୁ ଅଧିକ ବିକାଶିତ କରାଯିବ । ମୁଖ୍ୟମନ୍ତ୍ରୀ ନିକଟରେ ଇଣ୍ଡୋର ଷ୍ଟାଡିୟମ୍ ବୁର୍ଲାରେ ସବିଶେଷ ସୁବିଧା ଉପଲବ୍ଧ କରିଛନ୍ତି । ୨୭ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହୋଇଛି । ସମ୍ବଲପୁର ଫୁଟବଲ ଏକାଡେମୀ, ସମ୍ବଲପୁର କ୍ରୀଡା କମ୍ପ୍ଲେକ୍ସ,ହକି ଷ୍ଟାଡିୟମ୍ ଓ ଇଣ୍ଡୋର କ୍ରୀଡା ସୁବିଧା ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ମୁଖ୍ୟମନ୍ତ୍ରୀ ମଧ ଏକ ନୂଆ ଫୁଟ୍‌ବଲ ଷ୍ଟାଡିୟମ୍, ଭିଏସ୍‌ଏସ୍ କ୍ରିକେଟ୍ ଷ୍ଟାଡିୟମ୍‌ର ଉନ୍ନତିକରଣ କରାଯାଇ ଏହାକୁ ଆଧୁନିକ କରାଯିବ । ଏଥିରେ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ପରେ ସେ ଭିଏସ୍‌ଏସ୍ ଷ୍ଟାଡିୟମ୍ ଯାଇ ଖେଳାଳିମାନଙ୍କ ସହ ଆଲୋଚନା କରିଥିଲେ । (୯ ପୃଷ୍ଠାରେ)



## ଓଲଟିଲା ଘରୋଇ ଯାତ୍ରୀବାହୀ ବସ୍

# ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

ରାଉରକେଲା,(ସବ୍ୟୁ): ରବିବାର ଅପରାହ୍ଣରେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା-କୁଲୁଙ୍ଗା ରାସ୍ତାରେ ଘରୋଇ ଯାତ୍ରୀବାହୀ ବସ ଦୁର୍ଘଟଣା ଘଟିଛି । ଫଳରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ଭାରସାମ୍ୟ ହରାଇ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଥିବା ଜଣାପଡ଼ିଛି । ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯାତ୍ରୀବାହୀ ଘରୋଇ ଯାତ୍ରୀବାହୀ ବସ୍ (ଓଆର ୧୬ସି ୫୧୪୫) ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ନେଇ ରାଉରକେଲା ଠାରୁ କୁଲୁଙ୍ଗା ବାଲଣ୍ଡା ଯାଉଥିଲା । କଲୁଙ୍ଗା ଛକ ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଆହତମାନଙ୍କ ମଧ୍ୟରେ ମହିଳା ଓ ଶିଶୁମାନେ ମଧ୍ୟ ଥିଲେ । ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବ୍ରାହ୍ମଣୀ ତରଙ୍ଗ ପୁଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ତୈଳିକ ବୈଶ୍ୟ ସାହୁ ସମାଜର ସାଙ୍ଗଠନିକ ବୈଠକ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତର ଚିତ୍ରାମୁଣ୍ଡା ଗ୍ରାମଠାରେ ମୁରିବାହାଲ ବ୍ଲକସ୍ତରୀୟ ତୈଳିକ ବୈଶ୍ୟ ସାହୁ ସମାଜର ସାଧାରଣ ସଭା ତଥା ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ବୈଧୃତ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ତୈଳିକ ବୈଶ୍ୟ ସାହୁ ସମାଜର ସଭାପତି ରାଜ କୁମାର ସାହୁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ସାହୁ,ଉପଦେଷ୍ଟା ଲିଙ୍ଗରାଜ ସାହୁ,ବ୍ଲକ ଉପସଭାପତି ବୈଶାଖୁ ସାହୁ,କୃତ୍ତିବାସ ସାହୁ,ଉପଦେଷ୍ଟା ହରେକୃଷ୍ଣ ସାହୁ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ଶ୍ରୀବସ୍ତ ବେହେରା,ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ଯୁବ ନେତା କଶ୍ୟପ ସରାଫ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ତୈଳିକ ବୈଶ୍ୟ ସାହୁ ସମାଜର ସାଙ୍ଗଠନିକ ସୁଦୃଢ଼କୁ ମଜବୁତ କରିବା ନେଇ ଆଲୋଚନା ହୋଇଥିଲା । ସମ୍ପାଦକ ହେରାମ ସାହୁ ସଭା ସଂଯୋଜନା କରିଥିଲେ ।

# ପ୍ଲାଷ୍ଟିକ ବ୍ୟବହାରରୁ ମୁକ୍ତ ରଖିବାକୁ ଅଭିନବ ପଦକ୍ଷେପ

ଭବାନୀପାଟଣା, (ସବ୍ୟୁ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ମୋଟ ୪,୧୦,୦୬୬ ପରିବାରଙ୍କୁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମ ଭବାନୀପାଟଣା ସଦର ବ୍ଲକର ଶଗଡା ଗ୍ରାମ ପଞ୍ଚାୟତରେ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ବିଧାୟକ ଭବାନୀପାଟଣାଙ୍କ ପ୍ରତିନିଧି ମନୋଜ ସାହୁ, ବ୍ଲକ ଅଧ୍ୟକ୍ଷ ଭବାନୀପାଟଣା ପ୍ରଫୁଲ୍ଲ ସାହୁ, ଭବାନୀପାଟଣା ବି ଡି ଓ ଚନ୍ଦନ କୁମାର ଭୋଇ, ସରପଞ୍ଚ ଶଗଡା ଗ୍ରାମ ପଞ୍ଚାୟତ ଗୋବିନ୍ଦ ନାଏକଙ୍କ ସହିତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ଛ ସବୁଜ ଓଡିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ଏବଂ ପରିବେଶର ସୁରକ୍ଷା ନିମନ୍ତେ ଝୋଟ ତିଆରି ବ୍ୟାଗକୁ ପ୍ରୋତ୍ସାହନ ଦେବା ପାଇଁ ହିତାଧିକାରୀଙ୍କୁ ଝୋଟ ତିଆରି ବ୍ୟାଗ ଜିଲ୍ଲା ପରିଷଦ ସଭାପତି ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ବଣ୍ଟନ ପ୍ରକ୍ରିୟା ଜିଲ୍ଲାରେ ୭ଦିନ ମଧ୍ୟରେ ସମାପ୍ତ କରିବାର ଲକ୍ଷ ଧାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହ ଯୋଗାଣ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# କଳାହାଣ୍ଡିର ତିନି କଳାକାର ସମ୍ବର୍ଦ୍ଧିତ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡିର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭାର ତିନିଜଣ କଳାକାରଙ୍କୁ ନବୀନ ନିବାସରେ ୫-ଟି ଓ ନବୀନ ଓଡିଶାର ଅଧ୍ୟକ୍ଷ ଭି କେ ପଣ୍ଡିୟାନ ପ୍ରତ୍ୟକ କଳାକାରଙ୍କୁ ମାନପତ୍ର ଓ ନଗଦ ରାଶି ଏକଲକ୍ଷ ଟଙ୍କା ସହ ସମ୍ବର୍ଦ୍ଧିତ କରିଥିଲେ । ଗୁରୁ ଧାନାନନ୍ଦ ପଣ୍ଡାଙ୍କୁ ଗୁରୁ ରଂଜନ ସାହୁଙ୍କ ନିର୍ଦ୍ଦେଶିତ ପଶ୍ଚିମ ସୁରର ସହ ନିର୍ଦ୍ଦେଶକ ଓ ଗୁରୁ ଦେଶେ ସିଂହଙ୍କୁ ଶିଙ୍ଗାରୀ ନୃର୍ତ୍ୟର ନିର୍ଦ୍ଦେଶକ ଓ ଶିଙ୍ଗାରୀ ନୃର୍ତ୍ୟ ପାଇଁ ନୃର୍ତ୍ୟେ ଶିଳ୍ପୀ ଝୁନି ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଭା ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଗୁରୁ ଧାନାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିଭାର କଳାକାର ମାନେ ଗତ କିଛି ବର୍ଷ ହେଲା ଦେଶ ବିଦେଶରେ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରି ବହୁ ଆନ୍ତର୍ଜାତିକ ଓ ଜାତୀୟ ପୁରସ୍କାର ପାଇବା ସହିତ ଓଡିଶା ପାଇଁ ଗର୍ବଗୌରବ ଆଣି ଦେଇଛନ୍ତି । ପୁଣି ସେମାନଙ୍କୁ ନବୀନ ନିବାସରେ ସମ୍ମାନିତ କରାଯାଇଥିବାରୁ ସାରା ଜିଲ୍ଲା ର କଳାକାର ,ବୁଦ୍ଧିଜୀବୀ ଏବଂ ବିଭିନ୍ନ ଅନୁଷ୍ଠାନ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# କଣ୍ଟାବାଞ୍ଜି କୋଷ୍ଟାଲ ୧୧କୁ ହରାଇ ଫାଇନାଲରେ ସମ୍ବଲପୁର ଭାରତ କ୍ଲବ




ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ବଲାଙ୍ଗିର ଫ୍ରେଣ୍ଡସ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ରବିବାର ୨ୟ ସେମିଫାଇନାଲରେ ପ୍ରତିଯୋଗିତାର ଷଷ୍ଠ ଦିବସରେ କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ତଥା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲା କ୍ରୀଡାଧିକାରୀ ପରାସର ବାଗ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ବଲାଙ୍ଗିର ହୋଟେଲ ସଂଘ ସାଧାରଣ ସମ୍ପାଦକ ରବି ନାରାୟଣ ପୁଝାରି, ବଲାଙ୍ଗିର ରାଜ ମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ସଭାପତି ଶମ୍ଭୁ ନାଗ, କ୍ଲବ ସମ୍ପାଦକ ଜଗନ୍ନାଥ ମିଶ୍ର ଏବଂ କୋଷାଧକ୍ଷ ରଂଜିତ ବେହେରା ମଞ୍ଚାସୀନ ଥିଲେ । ଶଶିକାନ୍ତ ଦାସୀଆ, ସୁଦର୍ଶନ ସେଠ, ଜିତୁ ଦଳେଇ, ବୈକୁଣ୍ଠ ଜେନା ଖେଳକୁ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ସୁନିଲ ଚନ୍ଦ୍ର ବିଶ୍ୱାଲ ରହିଥିଲେ । ଭାରତ କ୍ଲବ ସମ୍ବଲପୁର ଏବଂ କୋଷ୍ଟାଲ ୧୧ କଣ୍ଟାବାଞ୍ଜି ମଧ୍ୟରେ ଖେଳ ହୋଇଥିଲା । ସଂଘର୍ଷପୁର୍ଣ୍ଣ ଏହି ଖେଳରେ ମ୍ୟାଚଟି ଅମିମାଂଶିଂତ ରହିଥିଲା । ଟ୍ରାଇବ୍ରେକରରେ ଭାରତ କ୍ଲବ ସମ୍ବଲପୁର ଦଳ ବିଜୟୀ ହୋଇଥିଲା । ବଲାଙ୍ଗିର ଜିଲ୍ଲାର ପୂର୍ବତନ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଶତ୍ରୁଘନ ସିଂହ, ବିଶିଷ୍ଟ କ୍ରିଡାବିତ ଜ୍ୟୋତି ନାଗ, ଶାନ୍ତନୁ ମିଶ୍ର,ସୁନିଲ ବିଶ୍ୱାଳଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସୋମବାର ଫାଇନାଲ ଖେଳ ଭାରତ କ୍ଲବ ସମ୍ବଲପୁର ଏବଂ କଦଳୀପାଲି ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟୀ ପକ୍ଷରୁ ସୁଚନା ଦିଆଯାଇଛି । ମଧୁ ବନଛୋର ସଭା ପରିଚାଳନା କରିଥିବା ବେଳେ କ୍ଲବର ସଧାରଣ ସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବଞ୍ଚିଥିବା ଯାଏଁ ଲୋକଙ୍କ ସେବା ପ୍ରଦାନ କରିବି : ନରସିଂହ



ବଲାଙ୍ଗିର,(ସବ୍ୟୁ):ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ରାଜନୈତିକ ଜୀବନର ଶେଷ ବିଧାନସଭା ଅଧିବେଶନ ସାରି ନିଜ ନିର୍ବାଚନ ମଣ୍ଡଳି ବଲାଙ୍ଗିର ଫେରିଛନ୍ତି । ବଲାଙ୍ଗିର ପହଞ୍ଚିଲା ବେଳକୁ ପୁଇଁତଲା ବ୍ଲକ ସମ୍ମୁଖରେ ହଜାର ହଜାର ଜନସାଧାରଣ ଓ କଂଗ୍ରେସ ଦଳର କର୍ମକର୍ତ୍ତା ନିଜ ପ୍ରୀୟ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଅପେକ୍ଷା କରିଥିଲେ । ନରସିଂହ ମିଶ୍ର ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ସମଗ୍ର ରାଜରାସ୍ତା । ବିଧାୟକ ଶ୍ରୀ ମିଶ୍ର ପହଞ୍ଚିଲା ପରେ ଭାବବିହ୍ୱଳ ଜନସାଧାରଣ, କଂଗ୍ରେସ କର୍ମୀ, ନେତୃତ୍ୱ ତାଙ୍କ ପ୍ରୀୟ ବିଧାୟକଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଏକ ବିରାଟ ପଟୁଆର ସାରା ସହର ବିଧାୟକ ଶ୍ରୀ ମିଶ୍ରଙ୍କୁ ନେଇ ପରିକ୍ରମା କରିଥିଲା । ପ୍ରତ୍ୟେକ ରାସ୍ତାରେ ବାସଗୃହ ତଥା ବ୍ୟବସାୟିକ ପ୍ରତିଷ୍ଠାନରୁ ଲୋକମାନେ ରାସ୍ତାକୁ ବାହାରି ଆସି ତାଙ୍କ ପ୍ରୀୟ ବିଧାୟକଙ୍କୁ ହାତ ହଲାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଁଥିଲେ । ୯୦ ଦଶକରୁ ବିଧାୟକ, ମନ୍ତ୍ରୀ, ବିରୋଧିଦଳ ନେତା, ଉପ-ନେତା ଦାୟିତ୍ୱ ତୁଲାଇଥିବା ବିଧାୟକ ଶ୍ରୀ ମିଶ୍ର ୩୪ ବର୍ଷର ଦୀର୍ଘ ରାଜନୈତିକ ଜୀବନରେ ବିଧାନସଭା ଭିତରେ ତାଙ୍କର ବକ୍ତବ୍ୟ ତଥା କାର୍ଯ୍ୟକଳାପ ଯଦି କାହାକୁ କିଛି ଆଘାତ ଦେଇଥାଏ ତେବେ ସେମାନେ କ୍ଷମା କରିଦେବେ ବୋଲି କହିଥିବା କଥା ବିଧାନସଭା ଗୃହକୁ ମଧ୍ୟ ଭାବବିହ୍ୱଳ କରିଥିଲା । ରାଜନୈତିକ ଚିନ୍ତାଧାରା ଉର୍ଦ୍ଧ୍ୱରେ ରହି ଗୃହର ପ୍ରତ୍ୟେକ ବରିଷ୍ଠ ଓ କନିଷ୍ଠ ବିଧାୟକ ମାନେ ବିଧାୟକ ଶ୍ରୀ ମିଶ୍ରଙ୍କୁ ବିଧାନସଭାରୁ ମଧ୍ୟ ଭାବପୂର୍ଣ୍ଣ ବିଦାୟ ଦେଇଥିଲେ । ବାଇକ୍ ପଟୁଆର ବିଧାୟକ ଶ୍ରୀ ମିଶ୍ରଙ୍କ ବାସଭବନରେ ପହଞ୍ଚିଲା ପରେ ସାମ୍ବାଦିକମାନଙ୍କୁ ନିଜ ପ୍ରତିକ୍ରିୟାରେ ସେ କହିଥିଲେ ଲୋକଙ୍କ ସ୍ନେହ ଶ୍ରଦ୍ଧା ସ୍ୱାଗତ ସମ୍ବର୍ଦ୍ଧନାକୁ ନେଇ ମୁଁ ଅତ୍ୟନ୍ତ ଖୁସି ଓ ଉଲ୍ଲାସିତ । ଲୋକଙ୍କ ଏହି ଭଲ ପାଇବାର ମୁଲ୍ୟ ସେ ବିଧାୟକ ନ ଥିଲେ ମଧ୍ୟ ନିଶ୍ଚିତ ଭାବରେ ଫେରେଇବେ । ସେ ଏ ଅବସରରେ ଆହୁରି ମଧ୍ୟ କହିଥିଲେ ଆଗକୁ ନିର୍ବାଚନ ସେ ଆଉ ଲଢୁନାହାନ୍ତି , କିନ୍ତୁ ରାଜନୀତିରେ ରହିବେ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ଅଂଚଳର ଛାତ୍ର ଯୁବକ କୃଷକ ଶ୍ରମିକ ଓ ସାଧାରଣ ଜନତାଙ୍କ ସେବା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

# ବଣୁଆ ହାତୀ ଆକ୍ରମଣରେ ବୃଦ୍ଧ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଝାଙ୍କରପାଲି ସେକ୍ସନ ଅନ୍ତର୍ଗତ ହାଲିପାଲି ଡୁଙ୍ଗୁରିପଡା ଠାରେ ବଣୁଆ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଆହତ ହୋଇ ବୁର୍ଲା ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ହାତୀକୁ ଅନ୍ୟତ୍ର ଘଉଡାଇବାକୁ ଚେଷ୍ଟା କରୁଛନ୍ତି। ସୂଚନାଯୋଗ୍ୟ, ଏକ ବଣୁଆ ଦନ୍ତାହାତୀ ଗତ ୧୦ତାରିଖ ବିଳମ୍ବିତ ରାତି ପ୍ରାୟ ୧ଟାରେ ହାଲିପାଲି ଡୁଙ୍ଗୁରିପଡା ଗାଁରେ ପଶି ଉପଦ୍ରବ କରିଥିଲା। ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗିଥିଲା । ତେବେ ନିଜ ଘରେ ଚୈତନ୍ୟ ଭୋଇ(୬୫) ଶୋଇଥିବା ବେଳେ ଆକ୍ରମଣରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଏଥିରେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ରବିବାର ସକାଳେ ଚିକିତ୍ସା ପାଇଁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହି ଅଞ୍ଚଳରେ ବାରମ୍ବାର ବଣୁଆ ହାତୀ ଉପଦ୍ରବ ପାଇଁ ଧନଜୀବନ କ୍ଷୟକ୍ଷତି ହେଉଥିବା ବେଳେ ଏନେଇ ବନବିଭାଗ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମୀ ଜମଗୁଡା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ମୃତ ବ୍ୟକ୍ତି ହେଲେ ନକୁଳ ଗୌଡ଼ (୩୭) । କୁସୁମୀ ଜମଗୁଡା ଗ୍ରାମ ନିକଟରେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ଦୁର୍ଘଟଣାକୁ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଖବର ପାଇ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତରଖାନାରେ ପହଞ୍ଚିଲା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକ ଝରିଗାଁ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ଶବ ଜବତ କରିବା ସହ ତଦନ୍ତ କରୁଛନ୍ତି।

## ନବନିର୍ମିତ ଭୋଗଘର ଉଦ୍‌ଘାଟିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରର ଦୁର୍ଗାପାଲି ଠାରେ ଥିବା ମାଁ ବନଦୁର୍ଗାଙ୍କ ମନ୍ଦିରରେ ନବର୍ନିର୍ମିତ ଭୋଗଘର ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମାଁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ପଣ୍ଡିତ ଆଦିତ୍ୟ ପାଣ୍ଡେ ତାଙ୍କ ସହଯୋଗୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । କର୍ତ୍ତା ଭାବେ ଦୀପକ ପାଣ୍ଡେ ଓ ସସ୍ମିତା ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ । ମାଁ ବନଦୁର୍ଗା ମନ୍ଦିର ସଭାପତି ବଳଭଦ୍ର ଦେଓ, ଉପସଭାପତି ମନୋଜ ଉପାଧ୍ୟାୟ, ସମ୍ପାଦକ ଜୟପ୍ରକାଶ ପାଣ୍ଡେ, ସଭ୍ୟ ଗୁଲସନ ପାଣ୍ଡେଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୂଚନାଯୋଗ୍ୟ, ଦୁର୍ଗାପାଲି ମାଁ ବନଦୁର୍ଗାଙ୍କ ମନ୍ଦିର ଭୋଗ ଘର ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିବା ବେଳେ ମାଁଙ୍କ ଭକ୍ତ ଦୀପକ ପାଣ୍ଡେଙ୍କ ସହଯୋଗରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆଗକୁ ମାଁଙ୍କ ମନ୍ଦିର ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ବହୁ ଯୋଜନା ଥିବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଦୁର୍ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ଏକ ସଡକ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ବ୍ୟକ୍ତି ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ଏସ.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ କନ୍ଦାଗାଡ ଉଚ୍ଚ ବିଦ୍ୟାଳୟରେ ଡୁଙ୍ଗୁରିପାଲି ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ମାନଙ୍କ ମାସିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ କିସାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଜିଲ୍ଲା ନିରୀକ୍ଷକ ଭାବରେ ଯୋଗଦେଇ ଓପେପାଙ୍କ ଗାଇଡଲାଇନ ଅନୁସାରେ ସ୍କୁଲ ବିକାଶର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ । ସ୍କୁଲ ସ୍ତରରେ କାର୍ଯକାରୀ ହେଉଥିବା ହାଉସ ଏବଂ କ୍ଲବ ସିଷ୍ଟମ, ଆଗାମୀ ଫେବୃୟାରୀ ୨୦ ତାରିଖରୁ ହେବାକୁଥିବା ମ୍ୟାଟ୍ରିକ ପରୀକ୍ଷାର ସୁପରିଚାଳନା ଏବଂ ୫- ଟି ଅନ୍ତର୍ଗତ ସ୍କୁଲ ସମୂହର କ୍ରମ ବିକାଶ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ଶୁଖା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ, ରାମପୁର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ହୋତା, ମାୟାବର୍ହା ହାଇସ୍କୁଲର ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତ ଏବଂ ଆୟୋଜକ କନ୍ଦାଗାଡ ହାଇସ୍କୁଲ ର ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ବାରିକ ୨୮ ଗୋଟି ହାଇସ୍କୁଲରୁ ଯୋଗଦେଇଥିବା ପ୍ରଧାନଶିକ୍ଷକ ମାନଙ୍କ ସକ୍ରିୟ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ । ଆୟୋଜକ ସ୍କୁଲର ସ୍ମାର୍ଟ କ୍ଲାସ, ସାଇନ୍ସ ଲାବୋରୋଟାରି, କମ୍ପ୍ୟୁଟର ଗୃହ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ଠାରୁ ନିଜ ନିଜର ଉପଲବ୍ଧି ବିଷୟରେ ସମସ୍ତେ ଅବଗତ ହୋଇଥିଲେ । ଶେଷରେ ଆୟୋଜକ ସ୍କୁଲର ବରିଷ୍ଠ ଶିକ୍ଷକ ସମ୍ପଦ ଖମାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୧୩ରୁ ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର,(ସବ୍ୟୁ): ସି.ସି.ଏଫ୍.ଏ କଲେଜଛକ ବଲାଙ୍ଗିର ଆନୁକୁଲ୍ୟରେ ଆସନ୍ତା ୧୩ ତାରିଖ ମଙ୍ଗଳବାର ଠାରୁ ସ୍ଥାନୀୟ ମିଶନ ହାଇସ୍କୁଲ ପଡିଆ ଠାରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ସି.ସି.ଏଫ୍.ଏ. ବଲାଙ୍ଗିର ସଭାପତି ସୁରେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ସୁପରିଚାଳନା ପାଇଁ ବିଭିନ୍ନ କମିଟି ଓ ସବ୍ କମିଟି ସଭାମାନ ଆୟୋଜନ ହୋଇଯାଇଛି । ଚୁଡାନ୍ତ ଫାଇନାଲ ଖେଳ ୨୦ ତାରିଖ ଦିନ ହେବ । ଦଳ ଓ ପଡିଆର ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ସମ୍ପନ୍ନ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୟୁନାଇଟେଡ ବରଗଡ, ସମ୍ବଲପୁର ଏଫ୍.ସି., ସିସିଏଫ୍ଏ ବଲାଙ୍ଗିର, ବିଏନ୍ଏଏ ଜରାସିଂହା, ଏଲ୍ଏସ୍ ବ୍ରଦର୍ସ ସୁନ୍ଦରଗଡ, ରୋଭର୍ସ କ୍ଲବ କଟକ, ଦୋସ୍ତି ବ୍ରଦର୍ସ ଝାରସୁଗୁଡା ଓ ଜଗା ଏକାଡେମୀ ଭୁବନେଶ୍ୱର ଦଳ ଗୁଡିକ ଭାଗ ନେଇଛନ୍ତି । କ୍ରୀଡାପ୍ରେମୀ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜନ କମିଟି ତରଫରୁ ସଭାପତି ସୁରେନ୍ଦ୍ର ନାଗ ଅନୁରୋଧ ଜଣାଇଛନ୍ତି ।

# ୧୮ରୁ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି




ବଲାଙ୍ଗିର,(ସବ୍ୟୁ): ଓଡିଶା କ୍ରିକେଟ ଏସୋସିଏସନ ଏବଂ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଫେବୃୟାରୀ ୧୮ରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମରେ ୨୩ ବର୍ଷରୁ କମ ପଞ୍ଜାବ ଓ ଓଡ଼ିଶା ମଧ୍ୟରେ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି ଆରମ୍ଭ ହେବ । କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନ ଉପରେ ସଭାପତି ଡ. ମିଶ୍ର ଓ ସଂପାଦକ ଶ୍ରୀ ପୂଜାରୀ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଟ୍ରଫି ପାଇଁ ଉଭୟ ଦଳର ଖେଳାଳୀ ଓ ଅଫିସିଆଲ ଆଗାମୀ ୧୫ ତାରିଖରେ ବଲାଙ୍ଗିରରେ ପହଞ୍ଚିବେ ଓ ତା.୧୬ ଓ ୧୭ ଦୁଇ ଦିନ ଷ୍ଟାଡିୟମ ଆସି ନେଟ୍ ପ୍ରାକ୍ଟିସ କରିବେ ବୋଲି ସଂପାଦକ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି । ମଞ୍ଚାସିନ ଥିଲେ ସଭାପତି ଓ ସଂପାଦକଙ୍କ ସମେତ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ସିଂ ଓ ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ । ଏହା ପୂର୍ବରୁ ଜିଲ୍ଲା କ୍ରୀଡା ସଂସଦର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ଡ. ମିଶ୍ର ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ପରେ ସାଧାରଣ ସଂପାଦକ ଶ୍ରୀ ପୂଜାରୀ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ଆୟ ବ୍ୟୟର ବିବରଣୀ ତଥା ବାର୍ଷିକ ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲେ । ଶେଷରେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲିପୁ ମେମୋରିଆଲ ଭେଟେରାନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ସୋନପୁର,(ସବ୍ୟୁ) : ସୁରେଶ୍ୱରୀ ଫୁଟବଲ ଏକାଡେମୀ ପକ୍ଷରୁ ସ୍ଥାନୀୟ ସୋନପୁର କଲେଜ ପଡିଆରେ ଆୟୋଜିତ ଏକ ଦିବସୀୟ ଲିପୁ ମେମୋରିଆଲ ଭେଟେରାନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳରେ ସମ୍ବଲପୁର ବିଜୟୀ ହୋଇଥିବା ବେଳେ ବୁର୍ଲା ଭେଟେରାନ୍ ରନର୍ସ ଅପ ହୋଇଛି । ମ୍ୟାଚ ସମୁହର ବେଷ୍ଟ ଡିଫେଣ୍ଡର ଭାବରେ ସମ୍ବଲପୁରର ବିବେକାନନ୍ଦ ମହାନ୍ତି, ବେଷ୍ଟ ସ୍କୋରର୍ ଅଶୋକ ଖଡିଆ, ବେଷ୍ଟ ଗୋଲକିପର ବୁର୍ଲାର ମହମ୍ମଦ ଜିଲାନି,ହିରୋ ଅଫ୍ ଦି ମ୍ୟାଚ୍ ଭାବରେ ବୁର୍ଲାର ଅରୁଣ ମେହେର ଓ ସୁରଟି ଦୀପ୍‌ଙ୍କୁ ବେଷ୍ଟ ପ୍ଲେୟାର୍ ଭାବରେ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁରର ଭେଟେରାନ୍ ଫୁଟବଲ ଖେଳାଳୀ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ଜୟମାଧବ ମିଶ୍ର,ଗୁଣନିଧି ମେହେର, ବିବେକାନନ୍ଦ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଲିପୁ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ଖେଳକୁ ଅଭି ମହାନନ୍ଦ,ବିଜୁ ସାହୁ,ବିକାଶ ସେଠି, ପ୍ରହ୍ଲାଦ ଭୁଲ୍ତା, ଲିପୁନ ପ୍ରଧାନ ପରିଚାଳନା କରିଥିବା ବେଳେ ପିତବାସ ଭୋଇ, ସଞ୍ଜୟ ସାହୁ ଦିଲିପ ପାତ୍ରପ୍ରମୁଖ ମ୍ୟାଚରେ ଧାରାବିବରଣୀ ପ୍ରଦାନ କରିଥିଲେ। ସୁରେଶ୍ୱରୀ ଫୁଟବଲ ଏକାଡେମୀର ମୁଖ୍ୟ ନିଶାନ୍ତ କୁମାର ମହାନ୍ତି, ସୁବ୍ରତ ସେଠି, ସଞ୍ଜୟ କୁମାର ସାହୁ, ଜ୍ୟୋତିର୍ମୟ ମିଶ୍ର, ସ୍ୱରୁପ ପାତ୍ର, ସନ୍ତୋଷ ନାଏକ,ଅନିଲ ସାହୁ, ବିଶ୍ୱାମିତ୍ର ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହିଳା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ




ଝାରସୁଗୁଡା,(ସବ୍ୟୁ):ଝାରସୁଗୁଡା ମହିଳା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ର ଉଦଯାପିତ ହୋଇ ଯାଇଛି। ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳିତ ହୋଇଥିଲା। ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ବୁର୍ଲା ଇସ୍କନ ର ସନ୍ଦିପନି ମୁନି ଓ ସ୍ୱରୂପ ଆଚାର୍ଯ୍ୟ। ନିଜ ଅଭିଭାଷଣରେ ଜଗନ୍ନାଥ ସଂସ୍କୃତି ଓ ଶ୍ରୀମଦ ଭାଗବତ ଗୀତା ଓ ସ୍ମରଣଶକ୍ତି ଜାଗ୍ରତ କରିବାର ପଥ ପ୍ରଦର୍ଶନ କରିଥିଲେ । ସାରଳା ପୁରସ୍କାର ପ୍ରାପ୍ତ ମହାନ କବି ଗୌନ୍ତିଆ ମହମ୍ମଦ ଜମିଉଲ୍ଲା, ଯେ ମୁସଲିମ ସମ୍ପ୍ରଦାୟର ହୋଇଥିବା ସତ୍ତ୍ୱେ ରେମଣ୍ଡା ଗ୍ରାମରେ ରଥ ଯାତ୍ରା ଅନୁଷ୍ଠିତ କରାଇ ଜଗନ୍ନାଥଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରି ଆସୁଛନ୍ତି । ସେ ଏହି ସଭାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ପରିଚାଳନା କମିଟିର ସଦଶ୍ୟ ତ୍ରିନାଥ ଗୁଆଲ, ମିନର୍ଭା ପଣ୍ଡା ତଥା ବୁଦ୍ଧିଜୀବୀ ବାଲଗୋବିନ୍ଦ ମିଶ୍ର, ନରେନ୍ଦ୍ର ପଣ୍ଡା,ଓଁପ୍ରକାଶ ଖୈତାନ, ହିରାଲାଲ ଲୋକଚନ୍ଦାନି, ମନୋଜ କେଡିଆ, ଜ୍ୟୋତି ଲାଟ ତଥା ଭଦ୍ର ବ୍ୟକ୍ତି ସଭା ସ୍ଥଳରେ ଉପସ୍ଥିତ ରହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୀର୍ତ୍ତନ ଓଡିଶୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଦିଲ୍ଲୀର ସାଧାରଣତନ୍ତ୍ର ପ୍ୟାରେଡରେ ଭାଗନେଇ ଥିବାରୁ ଛାତ୍ରୀ ସରିତା ଟପ୍ପନୋଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁଅଁର ସାଂପ୍ରତିକ ଯୁଗରେ ଜଗନାଥ ସଂସ୍କୃତିର ପରମ୍ପରା ତଥା ରୀତିନୀତିକୁ ଅନୁସରଣ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ସଂଯୋଜନା କରି ଜଗନାଥ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଅଧାପକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁପମା ପୁରୋହିତ,ମମତା ପ୍ରଧାନ, ରେଣୁକା ପଟେଲ, ନୈରୁ ରଥ, ମଦନ ବିଶ୍ୱାଳ, ଜ୍ୟୋତିରେଖା ପୁରୋହିତ ତଥା ମହାବିଦ୍ୟାଳୟ ର ସମସ୍ତ ଅଧ୍ୟପିକା, ଅଧ୍ୟପକ , ସହକାରିକର୍ମଚାରି ଓ ଛାତ୍ରୀ ମାନେ ଯୋଗଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ୧୯ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇ ଠାରେ ଶନିବାର ୧୯ତମ ପାତାଳୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାଶ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଳାଟେନ୍ଦୁ ସିଂ, ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାଶ ଓ ଉଲୁଣ୍ଡା ବିଡ଼ିଓ କରିସ୍ମା ବେସ୍ରା ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବ ୧୦ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମହୋତ୍ସବ ଅବସରରେ ଭାଗବତ ସପ୍ତାହ ପାରାୟଣ, ୫୬ ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶ୍ରୀ ଜଗନ୍ନାଥଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରର ଏକ ଲୋଗୋ ଜିଲ୍ଲାପାଳ ଅନ୍ୟା ଦାଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅରବିନ୍ଦ ଇଣ୍ଟିଗ୍ରାଲ୍ ଖୁଣ୍ଟୁଲାପାଲି, ବାଘପାଲି ୟୁପି ସ୍କୁଲ, ହରିଣାପାଲି ୟୁପି ସ୍କୁଲ୍, ଖୁଣ୍ଟୁଲାପାଲି ୟୁପି ସ୍କୁଲ୍, କୋଟସମଲାଇ ୟୁପି ସ୍କୁଲ୍,ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ହାଇସ୍କୁଲ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସଭାରେ ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ଉତ୍ତର ପାତ୍ର ତଥା ଅନ୍ୟାନ୍ୟସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉଦଘାଟନୀ ଦିବସରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

# ପୃଥକ୍ ଦୁର୍ଘଟଣାରେ ୧୦ ମୃତ

## ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାରେ ୫ ଶ୍ରମିକ ମୃତ, ଟାଟା ମ୍ୟାଜିକ-ଟ୍ରେଲର ଧକ୍କା : ୫ ମୃତ

ବେଲପାହାର/ଗୋଲାମୁଣ୍ଡା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଡୋକରିପଡ଼ାରେ ଶ୍ରମିକମାନଙ୍କୁ ନେଇ ଫେରୁଥିବା ପିକ୍‌ଅପ୍ ଭ୍ୟାନ୍ ରବିବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ମର୍ମନ୍ତୁଦ ଦୁର୍ଘଟଣାରେ ୫ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ଓ ଗୁରୁତରମାନଙ୍କର ସବିଶେଷ ପରିଚୟ ମିଳିପାରି ନାହିଁ ।

ସୂଚନା ଅନୁସାରେ ଗୋଲାମୁଣ୍ଡା ବ୍ଲକ ଡୋକରିପଡାରେ ଜୁନାଗଡ଼ ଥାନା ଆଁଟିଗାଁର ଶ୍ରମିକମାନେ ରବିବାର ପୂର୍ବାହ୍ନରେ ଗୋଲାମୁଣ୍ଡା ଥାନା ବୋରଗୁଡାକୁ ଧାନ ରୋଇବା ପାଇଁ ଯାଇଥିଲେ । ସେଠାରେ କାମ ସାରି ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନରେ ଶ୍ରମିକମାନେ ଘରକୁ ଫେରୁଥିଲେ । ପିକ୍‌ଅପ୍ ଭ୍ୟାନ୍ ଡୋକରିପଡ଼ା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ଧର୍ମଗଡ଼ ଏବଂ ଭବାନୀପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଗୁରୁତର ଶ୍ରମିକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ଆହତମାନେ ଧର୍ମଗଡ଼ ଓ ଜୁନାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।



ସେହିପରି ଜାତୀୟ ରାଜପଥ ୪୯ର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ଜୁନିଏନ ଗ୍ରାମ ବୁଲାଣିରେ ଏକ ଟ୍ରେଲର ଓ ପାସେଞ୍ଜର ଟାଟା ମ୍ୟାଜିକକୁ ଧକ୍କା ଦେବା ଫଳରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ୯ ଜଣଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପୂର୍ବାହ୍ନ ସାଢ଼େ ୧୦ ଟାରେ ଘଟିଛି। ଟାଟା ମ୍ୟାଜିକ ପସେଞ୍ଜର ଗାଡ଼ିଟି ଯାତ୍ରୀଙ୍କୁ ଧରି ପାଞ୍ଚଗାଁରୁ ବେଲପାହାଡ଼ ଯାଉଥିବା ସମୟରେ ବେଲପାହାଡ଼ ପଟୁ ରାୟଗଡ଼ ଦିଗରେ ଯାଉଥିଲା। ଟ୍ରେଲରଟି ଜୁନିଏନ ବୁଲାଣି ନିକଟରେ ତାକୁ ଧକ୍କା ଦେବାଫଳରେ ଦୁର୍ଘଟଣା ଯୋଗୁ ଉଭୟରେ ଗାଡ଼ି ଓଲଟି ପଡିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ୪ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ପରବର୍ତ୍ତି ସମୟରେ ଜଣକର ମୃତ୍ୟୁ ଘଟିଛି । ମୃତକ ହେଲେ ଲଖନପୁର ବ୍ଲକର ରେଙ୍ଗାଲି ଗାଁର ଉମା ପ୍ରଧାନ, କନ୍ଦାଡ଼ିହି ଗାଁର ଭୁବନେଶ୍ୱର ଭଇଁସାଳ,ଉର୍ମିଳା ରାଉତ ଝାରୁପଡ଼ା ଗାଁର ଥଣ୍ଡାରାମ ସତନାମି ଏବଂ ଗୁରୁତର ଅବସ୍ଥାରେ ମଚିଦା ଗାଁର କଳ୍ପନା ମେହେରଙ୍କୁ ଘରୋଇ ବିକାଶ ହସ୍ପିଟାଲ ନେବା ବାଟରେ ମୃତ୍ୟୁ ହୋଇଛି । ୯ଜଣଙ୍କୁ ଝାରସୁଗୁଡା ଚିକିତ୍ସା ପାଇଁ ପଠାଯାଇଛି। ସେଥିରେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି।

# ସମ୍ବଲପୁର ଆଇଆଇଏମ୍‌ର ନୂତନ କ୍ୟାମ୍ପସ୍ ପରିଦର୍ଶନ କଲେ ଡ. ପ୍ରମୋଦ ମିଶ୍ର



ସମ୍ବଲପୁର,(ସବ୍ୟୁ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଆଜି ସମ୍ବଲପୁରର ଭାରତୀୟ ପ୍ରବନ୍ଧନ ସଂସ୍ଥାନ - ଆଇଆଇଏମ୍‌ର ନୂତନ କେମ୍ପସ୍ ପରିଦର୍ଶନ କରିଛନ୍ତି। ଆଇଆଇଏମ୍‌ର ନିମନ୍ତ୍ରଣ କ୍ରମେ ଡ. ମିଶ୍ର ଏହାର କେମ୍ପସ୍‌ରେ ଥିବା ପ୍ରଶାସନିକ, ଏକାଡ଼େମିକ୍ କୋଠା, ପ୍ରେକ୍ଷାଳୟ, କ୍ରୀଡ଼ା କମ୍ପ୍ଲେକ୍ସ, ମୁକ୍ତାକାଶ ମଂଚ, ପ୍ରଭୃତି ପ୍ରକଳ୍ପ ବୁଲି ଦେଖିବା ସହିତ ନିର୍ଦ୍ଦେଶକ ପ୍ର. ମହାଦେଓ ପ୍ରସାଦ ଜୟସ୍ୱାଲ ଏବଂ ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଡ. ମିଶ୍ର ଏହି ଅବସରରେ କହିଛନ୍ତି ଯେ, ଭାରତ ସରକାରଙ୍କ ପି.ଏମ୍. ଗତି ଶକ୍ତି ଯୋଜନାରେ ରୂପାନ୍ତରଣର ସୁଯୋଗ ରହିଛି। ରାଜ୍ୟ ଓ ଦେଶର ଅର୍ଥନୈତିକ ଅଗ୍ରଗତି ପାଇଁ ଅନେକ ପ୍ରକଳ୍ପ ଓ ମାଷ୍ଟର ପ୍ଲାନ୍ ବିକଶିତ କରିବାରେ ଆଇଆଇଏମ୍ ସମ୍ବଲପୁର ପ୍ରମୁଖ ଭୂମିକା ନେଇ ପାରିବ। ଆଇଆଇଏମ୍ ସମ୍ବଲପୁର କେମ୍ପସ୍‌କୁ ଏକ ଉଲ୍ଲେଖନୀୟ ଭିତ୍ତିଭୂମି ବୋଲି ମତ ଦେଇ ଏହି ସଂସ୍ଥାନର ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନୂତନ ଅନ୍ୱେଷଣ କ୍ଷେତ୍ରରେ ସରକାରଙ୍କ ସ୍ୱୀକୃତି ହାସଲ କରିପାରିବ ବୋଲି କହିଥିଲେ। ସେ ଛାତ୍ରଛାତ୍ରୀମାନଙ୍କ ସହିତ ମଧ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ପ୍ର. ଜୟସ୍ୱାଲ ସମ୍ବଲପୁର ଆଇଆଇଏମ୍ ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି, ମେକ୍‌ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ମହିଳା ସଶକ୍ତୀକରଣ ଉପରେ ଜୋର୍ ଦେଉଛି ବୋଲି କହିଥିଲେ। ଦେଶର ଆଇଆଇଏମ୍ ମଧ୍ୟରୁ ସମ୍ବଲପୁର ଆଇଆଇଏମ୍ ସର୍ବପ୍ରଥମ କରି ଏମ୍‌ବିଏ କ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ପାଇଁ ୫୦-୫୦ ଅନୁପାତ ହାସଲ କରିଛି। ଶିକ୍ଷକ ଏବଂ କର୍ମଚାରୀ କ୍ଷେତ୍ରରେ ମଧ ଏହି ଅନୁପାତ ରହିଛି। ନିକଟରେ ଏନ୍‌ଏସି ଏବଂ ପ୍ୟାରିସ୍‌ର ସୋର୍ବୋର୍ଣ୍ଣ ବିଜନେସ୍ ସ୍କୁଲ ସହିତ ନୂତନ ପାଠ୍ୟକ୍ରମ ପାଇଁ ସଂସ୍ଥାନ ବୁଝାମଣପତ୍ର ସ୍ୱାକ୍ଷର କରିଛି ବୋଲି ପ୍ର. ଜୟସ୍ୱାଲ ସୂଚନା ଦେଇଥିଲେ।

# ବ୍ରଜରାଜନଗର ଗଙ୍ଗା ନଗରରେ କିଶୋରୀ ବାଳିକା ମେଳା



ବ୍ରଜରାଜନଗର,(ସବ୍ୟୁ): ବ୍ରଜରାଜନଗର ଗଙ୍ଗା ନଗରରେ କିଶୋରୀ ବାଳିକା ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅଙ୍ଗନବାଡ଼ି ସୁପର ଭାଇଜର ସୀତା ପଟେଲଙ୍କ ପରିଚାଳନା କରିଥିଲେ । ଏହି ସଭା ସିଡିପିଓ ସ୍ୱର୍ଣ୍ଣ ମଞ୍ଜରୀ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁକ୍ରିକାନି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରାଣି ତପଶ୍ୱିନୀ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଜୟ କୁମାର ସାହୁ, ସାମ୍ବାଦିକ ବିରଞ୍ଚି ଚରଣ ସ୍ୱାଇଁ, ସମାଜସେବୀ ନିବାସ କୁମାର ବର୍ମା, ଏନ ଏମ ରୋଜାଲିନ ଦାସ, ମନ୍ଦୋଦରୀ ବୁଦା ଯୋଗଦେଇଥିଲେ । ଅଙ୍ଗନବାଡ଼ି କର୍ମୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପୋଷଣ ଖାଦ୍ୟ ତିଆରି କରି କିଶୋରୀ ବାଳିକା ମାନଙ୍କୁ ଏହି ଖାଦ୍ୟ ଖାଇବା ପାଇଁ ସଚେତନତା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ କିଶୋରୀ ବାଳିକା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ର ଆୟୋଜନ କରାଯାଇ ଥିଲା । ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ହୋଇଥିବା କିଶୋରୀ ବାଳିକା ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ସୁଜାତା କେରକେଟା, ସୁକାନ୍ତି ସିଂହ, ନଜମା ବେଗମ୍, ସବିତା ମହାପାତ୍ର, ରାଜଶ୍ରୀ ବଢେଇ, କୁମୁଦିନୀ ବେହେରା, ତପସ୍ୱିନୀ ରାଉତ, ସତ୍ୟବତୀ ନାଏକ, ଉମା ବେହେରା, ପୂର୍ଣ୍ଣିମା ମହାନନ୍ଦ, ବିଳାସିନୀ ଦାସ ଓ ଆଶା କର୍ମୀ ଭାଗ୍ୟବତି କୁଆ , ବୁଲି କୁମାର, ଜ୍ୟୋତି ଦେବୀ, ସନ୍ତୋଷିନି ବାଗ, ପ୍ରଭାସିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ବିଶେଷ ଭାବରେ ସହଯୋଗ କରିଥିଲେ ।

# ଧବଳେଶ୍ୱର କ୍ରିକେଟ ଦେମୁହାଣ ଚାମ୍ପିଅନ

ଘଣ୍ଟାପଡା,(ସବ୍ୟୁ ): କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଦଶ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଅନ୍ତିମ ଦିବସର ପ୍ରଥମ ସେମିଫାଇନାଲରେ ରେଗଡୋଲ ଦଳକୁ ହରାଇ ଫାଇନାଲକୁ ପହଞ୍ଚିଥିଲା ବନ୍ଧଗୋରା । ଦ୍ୱିତୀୟ ସେମି ଫାଇନାଲରେ ଡେମୁହାଣ ଦଳ ଫଟାମୁଣ୍ଡାକୁ ହରାଇ ଫାଇନାଲରେ ବନ୍ଧଗୋରାକୁ ଭେଟିଥିଲା । ଦେମୁହାଣ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭରରେ ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ ବନ୍ଧଗୋରା ଦଳ ୧୨୦ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଲମ୍ବୋଦର ବେହେରା ଓ ଶୁଭମ ସାହୁ ଖେଳ ପରିଚାଳନା କରିଥିଲେ । କୁଳମଣୀ ଦାଶ ସ୍କୋରର ଥିଲେ । ସୁଶାନ୍ତ ବାରିକ ଓ ଶଙ୍କର୍ଷଣ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ କଣ୍ଟାମାଳ ବ୍ଲକ ଶିକ୍ଷକ ସଂଘ ସଭାପତି ନୀଳାଚଳ ଭୋଇ ମୁଖ୍ୟଅତିଥି, ବନ୍ଧଗୋରା ଗୌନ୍ତିଆ ଧିରୋଜ ଭୋଇ, ଯୁବନେତା ସୁଧାଂଶୁ ରଣା, ସମାଜସେବୀ ଶତ୍ରୁଘନ ଶତପଥୀ, ସାମ୍ବାଦିକ ବଂଶୀଧର ମାଝୀ, ବାସୁଦେବ ଷାଣ୍ଢ, ମକରନ୍ଦ ସାହୁ, ଶଙ୍କର୍ଷଣ ସାହୁ, ଶିକ୍ଷକ ଉପେନ୍ଦ୍ର ଭୋଇ, ସମାଜସେବୀ ଶତ୍ରୁଘନ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ସରୋଜ ଭୋଇ, ସୋନୁ ପୁଝାରୀ, ବିବଛ ଭୋଇ ଏବଂ ଧବଳେଶ୍ୱର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଜଗନ୍ନାଥ ମନ୍ଦିର ରନ୍‌ମୁଦ୍ ସମ୍ପନ୍ନ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତରେ ନୂତନ ଜଗନ୍ନାଥ ମନ୍ଦିରର ରନ୍ ମୁଦ କାର୍ଯ୍ୟ ସମାପନ ହୋଇଯାଇଛି । ଏହି ଅବସରରେ ଶନିବାର ୧୦୮ଶୁଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଥମେ କୁସଙ୍ଗ ବଡ ନାଳରୁ ରୀତିନୀତି ଅନୁଯାଇ ଗଙ୍ଗା ମାତାଙ୍କୁ ପୂଜାର୍ଚ୍ଚନା କରି ପୂର୍ଣ୍ଣ ଜଳ ସଂକଳ୍ପ କଳସ ଅଣାଯାଇଥିଲା । କଳସ ଯାତ୍ରାରେ ଗ୍ରାମର ଗୌନ୍ତିଆ ବାବୁଲା ଭୋକ୍ତା ଓ ତାଙ୍କ ଧର୍ମପତ୍ନୀ ଗୋଲାପ ଭୋକ୍ତା କର୍ତ୍ତା ଭାର ଗ୍ରହଣ କରି ବାବା ଚନ୍ଦ୍ର ଶେଖର ଶୈବ ପୀଠରେ ଘେରା ମାରିବା ସହିତ ଅନ୍ୟପଟେ ମା ଦକ୍ଷିଣ କାଳୀ ମନ୍ଦିର କୁସଙ୍ଗରୁ ପାଟଭୁକ୍ତା ଶ୍ରୀକାନ୍ତ ଗୁରୁ ପୂଜାର୍ଚ୍ଚନା କରି ମାଙ୍କ ଆଜ୍ଞା ମାଳ ଧରି ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମନ୍ଦିରରେ ପୂର୍ଣ୍ଣ କଳସି ପହଂଚିବା ପରେ ପୁଣି ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରି ଯଜ୍ଞ ମଣ୍ଡପରେ ସଂକଳ୍ପ କଳସକୁ ଅବସ୍ଥାପିତ କରାଯାଇଥିଲା । ଦିନ ୨ ଟାରେ ଶଙ୍ଖ ହୁଳହୁଳି, ଘଣ୍ଟ, ନାମ ସଂକୀର୍ତ୍ତନରେ ରନ୍‌ମୁଦ କାର୍ଯ୍ୟ ସମାପନ ହୋଇଯାଇଛି । ନିୟମ ଅନୁସାରେ ଏହି ରନ୍‌ମୁଦ କାର୍ଯ୍ୟରେ ଧାନ, ଚାଉଳ, ବିରି, କୋଳଥ, ଅଷ୍ଟ ଧାତୁ, ଗଙ୍ଗା ଜଳ, ଇତ୍ୟାଦି ପୂଜା ସାମଗ୍ରୀ ଦେଇ ସମାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସହିତ ସଂକୀର୍ତନ ମଣ୍ଡଳୀ ତଥା ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ପ୍ରଥମେ ନାମ ଯଜ୍ଞ, ତା ପରେ ଘୃତ ଯଜ୍ଞ ଓ ଶେଷରେ ରନ୍ ମୁଦ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ସହ କୁଶଙ୍ଗ ଗ୍ରାମ୍ୟକମିଟିର ସଭାପତି ଅନାଦି ପ୍ରଧାନ, ଉପସଭାପତି କବିରାଜ ସାହୁ, କୋଷାଧ୍ୟକ୍ଷ ଅଭୟ ଭୋକ୍ତା, ସଂପାଦକ ଭଗବାନ ହୋତା ଓ ଶତାଧିକ ଗ୍ରାମବାସୀ ସାମିଲ ଥିଲେ । ମୁଦ ମରା କାର୍ଯ୍ୟ କାରିଗର ଲୋଚନ ସ୍ୱାଇଁ ଓ ସାନତନ ନାୟକଙ୍କ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ ହୋଇଥିଲା।

# ପୋଲିସ ସହାୟକ କେନ୍ଦ୍ର ଉଦ୍‌ଘାଟିତ

ରାଜଗାଙ୍ଗପୁର,(ସବ୍ୟୁ): ରାଜଗାଙ୍ଗପୁରସ୍ଥିତ ସୁବାଷ ଛକ ଠାରେ ବହୁ ଦିନରୁ ଟାରପିଲିନ ତଳେ ପୋଲିସ ସହାୟକ କେନ୍ଦ୍ର ସ୍ଥାପନ କରି ପୋଲିସ ବିଭିନ୍ନ ଆଇନ ଶୃଙ୍ଖଳାକୁ ନିମନ୍ତ୍ରଣ କରି ଆସୁଥିଲେ । ଫଳରେ ବର୍ଷା ଥଣ୍ଡାରେ ବସିବା ଦ୍ୱାରା ଜାଗ୍ରତି ପ୍ରହରୀଙ୍କୁ ବହୁ ସମସ୍ୟା ସୃଷ୍ଟି ହୋଇଆସୁଥିଲା । ରାଜଗାଙ୍ଗପୁର ସହର ଠାରୁ ୮ କିଲୋ ମିଟର ଦୂରରେ ସ୍ଥାପିତ ସୁରଜ ପ୍ରଡେକ୍ଟ ଦୃଷ୍ଟିକୁ ଆସିବା ପରେ ସେଠାରେ ସ୍ଥାୟୀ ରୂପେ ପୋଲିସ ସହାୟତ କେନ୍ଦ୍ର ନିର୍ମାଣ କରି ସ୍ଥାପନ କରିବା ପରେ ସ୍ଥାନୀୟ ଏସଡିପିଓ ଅଭିଷେକ ପାଣିଗ୍ରାହୀ ଉଦଘାଟନ କରି ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ସୁବିଧା ଜନକ ହୋଇ ପାରିବ । ଏପରି ସହରର କିଛି ସ୍ଥାନରେ ପୋଲିସ ସହାୟକ କେନ୍ଦ୍ର ସ୍ଥାପନ କରିବା ପ୍ରୟାସ ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଉଦଘାଟଣୀ ଦିବସରେ ଥାନା ପ୍ରଭାରୀ ମନୋରଞ୍ଜନ ପ୍ରଧାନ ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ଖଗେଶ୍ୱର ବିଶ୍ୱାଳ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭିକ୍ଟର ସୋରେନ ସୁରଜ ପ୍ରଡ଼କ୍ଟ ଲୋକ ସମ୍ପର୍କ ଅଧିକାରୀ ଅଭିମନ୍ୟୁ ସାହୁ ବରିଷ୍ଠ ନାଗରିକ ସଭାପତି ଡାକ୍ତର ହରେକୃଷ୍ଣ ପଣ୍ଡା, ପୌର ଉପାଧ୍ୟକ୍ଷ ଏମ ଡି ଇଫାନ, ଥାନା ଏସ ଆଇ ଦମୟନ୍ତୀ ମହାନ୍ତ ଏ ଏସ ଆଇ ପ୍ରଶାନ୍ତ କୁମାର ସେନାପତି ହେମନ୍ତ କୁମାର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଶୋକ ମିଶ୍ର ମେମୋରିଆଲ ଫୁଟବଲ ପ୍ରତିଯୋଗିତା



ଝାରସୁଗୁଡା,(ସବ୍ୟୁ): ରବିବାର କଟାପାଲି ଠାରେ ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘ ନିଜସ୍ୱ ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ ଗଣେଷ କ୍ଲବ ଫଟାମାଲ ଓ ଆଦିବାସୀ କ୍ଲବ ବରମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଦିବାସୀ କ୍ଲବର ସମିର ଓରାମ ଖେଳ ଆରମ୍ଭର ୧୩ ମିନିଟରେ ଏକ ମାତ୍ର ଗୋଲ ଦେଇ ଥିଲେ। ଶେଷରେ ୧-୦ ଗୋଲରେ ଆଦିବାସୀ କ୍ଲବ ବରମାଲ ବିଜୟୀ ହୋଇ ଥିଲା। ଏହି ମ୍ୟାଚରେ ଓଡିଶା ଦଳର ପୁରାତନ ଖେଳାଳି ସପନ ମଜୁନଦାର, ସଂଜିବ ଘୋଷ, ପ୍ରେମ ସିଂ ଥାପା ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ।

ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ତାପସ ରାୟ ଚଉଧୁରୀ, ଯୁଗ୍ମ ସଂପାଦକ ସୋନୁ ରୋନର୍ଡ, କ୍ରୀଡା ସଂଘ ଉପ-ସଭାପତି ଜୀବନ ମହାନ୍ତି,ବିଜୟ ଦାଶ, ବ୍ରିଜେଶ ଶର୍ମା କୋଷାଧକ୍ଷ ଗଣେଷ ନାୟକ, ଫୁଟବଲ ସଂପାଦକ ସୁଶାନ୍ତ ମହାନ୍ତି, ମନୋଜ ଦାସ,ସୁଶାନ୍ତ ମାଳି, ବିଜୟ ବେହେରା,ମୋହନ ମିଶ୍ର, ବିଜୟ ବକ୍ସି, କମ୍ପାଉଡର ବେହେରା, ଶତପାଳ ସିଂ, ବିମଳ ବର୍ମା ବିଷ୍ଣୁ ନାୟକ, ପ୍ରତିଭା ମହାପାତ୍ର, ପ୍ରଶାନ୍ତ ଜେନା. ମେହେତାପ ଖାଁନ ପ୍ରମୁଖ କ୍ରୀଡା ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ମ୍ୟାଚକୁ ପି.ରାଜେଶ୍ୱର ରାଓ, ରମଣୀ ମାଝୀ, ଅମାତ ବାଗ ଓ ଅଗସ୍ତି ହାତିପଦା ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନ ଜଗନ୍ନାଥ ରାଓ ରହିଥିଲେ।

## ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପୁରୁଷରୁ ଆଫ୍ରିକା-୧୧, ମହିଳାରୁ ଟିଟିଲାଗଡ଼ ଫାଇନାଲରେ

କଣ୍ଟାମାଳ,(ସବ୍ୟୁ): କଣ୍ଟାମାଳ ଆଥଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ କଲେଜ ଖେଳ ପଡିଆରେ ଆୟୋଜିତ ପ୍ରଥମ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ତୃତୀୟ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ପ୍ରଥମ ଖେଳ କଣ୍ଟାମାଳ ଆଥଲେଟିକ ଆସୋସିଏସନ ଓ ଆଫ୍ରିକା -୧୧ (ପୁରୁଷ )ଦଳ ମଧ୍ୟରେ ହୋଇଥିଲା । ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ସହ ସମାନ ହୋଇଥିଲେ । ପରେ ଟ୍ରାଇବେକର ଜରିଆରେ ଆଫ୍ରିକା - ୧୧ଦଳ ୧-୦ ଗୋଲରେ ବିଜୟଲାଭ କରି ଫାଇନାଲକୁ ପ୍ରବେଶ କରିଥିଲା । ସେହିପରି ମହିଳା ମ୍ୟାଚରେ ଝାରସୁଗୁଡା ଓ ଟିଟିଲାଗଡ଼ ଦଳ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରିନଥିଲେ । ପରେ ପେନାଲଟି କିକ ଜରିଆରେ ଝାରସୁଗୁଡାକୁ ହରାଇ ଟିଟିଲାଗଡ଼ ଦଳ ଫାଇନାଲକୁ ପ୍ରବେଶ କରିଛି । ଖେଳରେ ମୁଖ୍ୟଅତିଥି ଭାବେ ଭେଡେନ ବିଡ଼ିଓ ତ୍ରିପୁର ମହାନନ୍ଦ, ସମ୍ମାନୀତ ଅତିଥିଭାବେ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ, ସମାଜସେବୀ ସନମ ଗୁରୁ, ସମୀର ଖଟୁଆ ଓ ଟିଙ୍କୁ କହଁର ଆଦି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ଓ ଅଭିଲାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସୁଶୀଲ ବେହେରା, ସଦାଶିବ ମହାନନ୍ଦ ଓ ସୁଜିତ ସାହୁ ମ୍ୟାଚ ରେଫରୀ ଭାବେ ସହଯୋଗ କରିଥିଲେ । ଫାଇନାଲ ଖେଳ ସୋମବାର ମା' ମଙ୍ଗଳା ଫୁଟବଲ କ୍ଲବ ସହ ଶ୍ରେୟାଂଶ ସ୍ପୋର୍ଟିଂ ସୋନପୁର ମଧ୍ୟରେ ହେବ

# ସମ୍ବଲପୁର ଓକିଲଙ୍କ ଉପରୁ ମାମଲା ପ୍ରତ୍ୟାହାର ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ

ବରଗଡ,(ସବ୍ୟୁ): ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘ ମାନଙ୍କର ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ପଶ୍ଚିମାଞ୍ଚଳର ବିଭିନ୍ନ ସଂଘକୁ ନେଇ ବରଗଡ଼ ଜିଲ୍ଲା ଓକିଲ ସଂଘ ସାମ୍ମୁଖ୍ୟ ପକ୍ଷରୁ ରବିବାର ବରଗଡ଼ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଜିଲ୍ଲା ଓକିଲ ସଂଘ ତରଫରୁ ଆୟୋଜିତ ଏହି ବୈଠକରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୨୫ଟି ଓକିଲ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ତଥା ବରଗଡ଼ ଜିଲ୍ଲା ଓକିଲ ସାମ୍ମୁଖ୍ୟର ଆବାହକ ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଦ୍ମପୁର ସଂଘର ସଭାପତି ସନ୍ତୋଷ ଶତପଥି ସ୍ୱାଗତ ଅଭିଭାଷଣ ରଖିଥିଲେ । ସଭାପତି ଶ୍ରୀ ସରାଫ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଦେବଗଡ଼ ବାରର ସଭାପତି ମନୋଜ ପାଢ଼ୀ, ଝାରସୁଗୁଡ଼ାର ବାରର ଉପସଭାପତି ଅମୀୟ ପାଣିଗ୍ରାହୀ, ସୁନ୍ଦରଗଡ଼ ବାରର ସଭାପତି କମଳ ସେନ, ବୌଦ୍ଧ ବାର ସଭାପତି ଧବଳେଶ୍ୱର ମନହୀରା, ବିନିକା ବାର ସଭାପତି ସୁଧାଂଶୁ ଶେଖର ଦାସ, ରାମପୁରର ବାରର ସମ୍ପାଦକ କୃଷ୍ଣଚନ୍ଦ୍ର ବର୍ଗର୍ତ୍ତୀ, ପଦ୍ମପୁର ବାର ସଭାପତି ସନ୍ତୋଷ ଶତପଥି, ପାଇକମାଳ ବାର ସଭାପତି ରାମରତନ ପୁରୋହିତ ତଥା ବରଗଡ଼ ଜିଲ୍ଲା ଓକିଲ ସଂଘର ସମ୍ପାଦକ ଉତ୍ତର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ଓକିଲମାନେ ନିତ୍ୟ ନୈମିତ୍ୟ ଭାବେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଦିନକୁ ଦିନ ଓକିଲମାନଙ୍କ ମର୍ଯ୍ୟାଦା ତଥା ସମ୍ମାନ କିଭଳି ଭାବେ ଅବକ୍ଷୟମୁଖି କରାଯାଉଛିନ ତାରି ଉପରେ ଆଲୋଚନା କରିଥିଲେ । ଓକିଲମାନଙ୍କ ସମ୍ମାନ ରକ୍ଷା ସହିତ ମାନରକ୍ଷା ପାଇଁ ଏଭଳି ଏକ ମିଳିତ ବୈଠକ ଓ ଆଲୋଚନାଚକ୍ରର ଆବଶ୍ୟକତା ଥିଲା ବୋଲି ମତବ୍ୟକ୍ତ କରି ବରଗଡ଼ ଓକିଲଙ୍କ ଉଦ୍ୟମକୁ ସାଧୁବାଦ ଜ୍ଞାପନ କରିଥିଲେ । ପଶ୍ଚିମ ଓଡ଼ିଶାର ଓକିଲ ସାମ୍ମୁଖ୍ୟର ସଦସ୍ୟମାନଙ୍କୁ ନେଇ ପଶ୍ଚିମାଂଚଳ କମିଟି ଗଠନ କରାଯାଇ ଏହାର ସୁପରିଚାଳନା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସର୍ବସମ୍ମତିକ୍ରମେ ବରଗଡ଼ ଓକିଲ ସଂଘର ସଭାପତି ଶ୍ରୀ ସରାଫଙ୍କୁ ଏହାର ଆବାହକ ଏବଂ ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଶ୍ରୀ ସେନଙ୍କୁ ଯୁଗ୍ମ ଆବାହକ ଭାବେ ମନୋନୀତ କରାଯାଇ ଗୁରୁଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା । ତତସହିତ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘର ସଭାପତି ଓ ସମ୍ପାଦକମାନଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ରହିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।ତେବେ ସମସ୍ତଓକିଲ ସଂଘମାନଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ ନହେବାଯାଏଁ ଶ୍ରୀ ସରାଫ ଆବାହକ ରହିବା ପାଇଁ ପ୍ରସ୍ତାବ ନିଆଯାଇଥିବା ବେଳେ ଆସନ୍ତା ମାର୍ଚ୍ଚ ମାସରେ ସୁନ୍ଦରଗଡ଼ଠାରେ କାର୍ଯ୍ୟକାରୀ କମିଟିର ପରବର୍ତ୍ତୀ ବୈଠକ କରାଯିବାକୁ ଘୋଷଣା କରାଯାଇଥିଲା । ସେହିଭଳି ଓକିଲଙ୍କ ବୃତ୍ତିଗତ ସୁରକ୍ଷା ଦିଗରେ ଆଲୋଚନା କରାଯାଇ ଏଡ଼ଭୋକେଟ ପ୍ରୋଟେକ୍ସନ ଆକ୍ଟକୁ କାର୍ଯ୍ୟକାରୀ କରାଯିବା ସହିତ ଓକିଲମାନଙ୍କର ବ୍ୟକ୍ତିଗତ ଭାବେ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏବଂ ଏହାର ପରିପୂର୍ଣ୍ଣତା ପାଇଁ ସମସ୍ତ ଓକିଲ ସଂଘମାନଙ୍କୁ ନେଇ ଆଗାମୀ ଦିନରେ ଓଡ଼ିଶା ସରକାର ଓ ରାଜ୍ୟ ଆଇନଜୀବୀ ପରିଷଦକୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଗତ ୨୦୨୨ ଡ଼ିସେମ୍ବର ମାସରେ ସମ୍ବଲପୁର ଓକିଲ ସଂଘର ସଭ୍ୟମାନଙ୍କ ନାମରେ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯିବା ପାଇଁ ଓଡ଼ିଶା ସରକାରଙ୍କୁ ଦାବୀପତ୍ର ମାଧ୍ୟମରେ ଅବଗତ କରାଯିବାକୁ ମିଳିତ ପ୍ରସ୍ତାବ ନିଆଯାଇଥିଲା । ପରିଶେଷରେ ବରଗଡ଼ ଓକିଲ ସଂଘର ସମ୍ପାଦକ ଉତ୍ତର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ବରଗଡ଼ ଓକିଲ ସଂଘର ଉପସଭାପତି ସୁଶୀଳ କୁମାର ଶତପଥି ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରଗଡ଼ ଓକିଲ ସଂଘର ସହସମ୍ପାଦକ ସୁକଦେବ ସାହୁ ସଭା ପରିଚାଳନାରେ ସହାୟତା କରିଥିଲେ ।




# ଜୁନାଗଡ଼ ହାଇସ୍କୁଲର ବାର୍ଷିକ ଉତ୍ସବ



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ହାଇସ୍କୁଲ ଜୁନାଗଡ଼ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାରେ ଜୁନାଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଏନ. ଏ. ସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଜୁନାଗଡ଼ ବିଇଓ ତପନ ମାଝୀ,ପୁରାତନ ଛାତ୍ର ସଂସଦ ସଭାପତି ସନ୍ତୋଷ କୁମାର ସିଂହ ଦେଓ, ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ ଡ଼. ଯୁଗଳ କିଶୋର ଷଡ଼ଙ୍ଗୀ,ବିରୁପାକ୍ଷ ନାଏକ (ସ୍କୁଲ ପରିଚାଳନା କମିଟି ସଭାପତି ), ପୂର୍ବତନ ନଗରପାଳ ସୁଧାଂଶୁ ବରାଡ଼,ପୁରାତନ ଛାତ୍ର ଲଳିତ ଅଗ୍ରୱାଲ,ଜାନକୀ ବଲ୍ଲଭ ଦାଶ ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଭଲ ପାଠ ପଢ଼ିବା ସହ ସୁନାଗରିକ ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ ଶିଶୁ ସାହିତ୍ୟ ର ଗବେଷଣା କରି ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଏହି ଅନୁଷ୍ଠାନର ପୁରାତନ ଶିକ୍ଷକ ଡ଼. ଯୁଗଳ କିଶୋର ଷଡ଼ଙ୍ଗୀ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ମୋ ସ୍କୁଲ ଅଭିଯାନର ସଭାପତି ସନ୍ତୋଷ କୁମାର ସିଂଦେଓ, ଶିକ୍ଷକ ମଳୟ କୁମାର ମୁଣ୍ଡ, ସୁଧୀର ବେହେରା, ପୁରୁଷୋତ୍ତମ ନାଏକ, ଲକ୍ଷ୍ମୀକାନ୍ତ ପଣ୍ଡା, ସୁଧାଂଶୁ ପଣ୍ଡା, ମହେନ୍ଦ୍ର ପଣ୍ଡା, ସୁରେଶ ଦାଶ ପ୍ରମୁଖଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁଧୀର ବେହେରା ଓ ମଳୟ ମୁଣ୍ଡ ପରିଚାଳନା କରିଥିଲେ । ସଭା ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଶିକ୍ଷୟତ୍ରୀ ଅଞ୍ଜନା ଶୁକ୍ଳା, ଚୁମନ ଦାଶ ନାଏକ, ବିଭୁ ପ୍ରସାଦ ପଣ୍ଡା ।

(ଶ୍ରୀମଭଗବଦ୍ ଗୀତା ୩/୪୧)
–କର୍ମଯୋଗଃ–
(ଶ୍ରୀଭଗବାନୁବାଚ)

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥ ୪୧ ॥

ହେ ଭରିତଶ୍ରେଷ୍ଠ ! ସେହି ହେତୁରୁ ତୁମେ ପ୍ରଥମରେ (ବିମୋହନ ପୂର୍ବରୁ) ଇନ୍ଦ୍ରିୟ, ମନ ଓ ବୁଦ୍ଧ (କାମର ଆଶ୍ରୟଗୁଡ଼ିକୁ) ଦମନ କରି ଜ୍ଞାନବିଜ୍ଞାନର ନାଶକ, ପାପରୂପ ଏହି କାମକୁ ପରିତ୍ୟାଗ କର ॥୪୧॥

# ମାଘ ମାସରେ ଶୀତ ଉଭାନ !



## ହିମାଂଶୁ ଶେଖର ଆଚାର୍ଯ୍ୟ

ଆମେ ସିନା ପଢିଲା ବେଳେ ପଢୁଥିଲୁ 'ବରଷକ ବାରମାସ, ଛଅ ଋତୁ' । ଆଉ ମଧ୍ୟ ପଢିଥିଲୁ 'ଶୀତରେ ପୌଷ ମାଘ ମାସ' । ମାଘମାସରେ ଶୀତ ବାଘପରି ଆସେ । ଏବେ କିନ୍ତୁ ଛଅ ଋତୁ ସାତ ସପନ । ଗ୍ରୀଷ୍ମର ପ୍ରକୋପ ଆଗରେ ହଜୁଛି ବସନ୍ତ, ଶରତ, ହେମନ୍ତ । ଫଳରେ ଫେବୃୟାରୀ ଆରମ୍ଭରୁ ମାର୍ଚ୍ଚର ତାତି ଆରମ୍ଭ ହୋଇଯାଇଛି । ଗତ କିଛି ଦିନ ଠାରୁ ହଠାତ୍ ଶୀତ ଉଭାନ । ମାଘମାସରେ ବି ଅନୁଭୂତ ହେଉଛି ଗ୍ରୀଷ୍ମର ତାତି । ସତେ ଯେମିତି ଲାଗୁଛି ଏହା ମାଘମାସ ନୁହେଁ ବୈଶାଖ ଆରମ୍ଭ ହୋଇଗଲାଣି ।

ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ ଯେ ଆଗକୁ ପାଗ ପରିବର୍ତ୍ତନ ସହ ତାପମାତ୍ରାରେ ସାମାନ୍ୟ ବଦଳିପାରେ । କିନ୍ତୁ ପରିବେଶ ଓ ଜଳବାୟୁ ବିଶେଷଜ୍ଞଙ୍କ ମତରେ ପାଣିପାଗରେ ଅଚାନକ ଅସ୍ୱାଭାବିକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି, ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଯଦି ଏମିତି ଗରମ, ଆଗକୁ ତା' ହେଲେ ନିଆଁ ବର୍ଷିବ । ପୂର୍ବରୁ ମଧ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା। ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ଫେବୃୟାରୀର ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ–ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା–ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ–ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ବୋଧେ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ ତାତି ଚିନ୍ତାଜନକ ହୋଇରହିପାରେ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା ।

ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା । ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ, ୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।

କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଂକ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ । ମଣିଷ ଟିଏ–ଗଛଟିଏ ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି । ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମକୁ ମଧ ବୃକ୍ଷରୋପଣ କରିବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ । ଏଥିପାଇଁ ମଣିଷଟିଏ–ଗଛଟିଏ ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯାହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ତଥାପି ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆସନ୍ତା ମାର୍ଚ୍ଚ ଠାରୁ ମେ ଜୁନ୍ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

**ଅବସରପ୍ରାପ୍ତ ଅଧ୍ୟାପକ ,**
**ତିର୍ତ୍ତୋଲ, ଜଗତସିଂହପୁର**
**ମୋ – ୯୯୩୭୧୫୧୦୫୨**

# ଶାଳୀନତାପୂର୍ଣ୍ଣ ବ୍ୟବହାର

## ଧ୍ରୁବ ଚରଣ ଘିବେଲା

ବ୍ୟବହାର ଏକ ସୁନ୍ଦର ଶବ୍ଦ ଯାହାର ଅର୍ଥ ବିଶେଷ୍ୟ ଭାବେ ଆଚରଣ ଓ କ୍ରିୟା ଭାବେ ବ୍ୟବହାର କରିବା ମାନେ କାମରେ ଲଗାଇବାକୁ ବୁଝାଯାଏ । ଅମୁକର ଆଚରଣ ବେଭାର ବ୍ୟବହାର ଉତ୍ତମ ରହିବା ଆବଶ୍ୟକ । ଜଣକର ଖାତିର ରହେ / ବଢ଼େ ତାଙ୍କର ଭଲ ବ୍ୟବହାର ଯୋଗୁଁ । ବ୍ୟବହାର ପୁଣି ଶାଳୀନତାପୂର୍ଣ୍ଣ ଥିଲେ ସେଇ ବ୍ୟବହାରରେ ସୌନ୍ଦର୍ଯ୍ୟ ପ୍ରକାଶ ପାଇଥାଏ । ମଣିଷ ଭାବେ ଆନକୁ ସର୍ବଦା ଉତ୍ତମ ବ୍ୟବହାର ଦେଖାଇବା ଉଚିତ । ଆନଠୁ ଭଲ ବ୍ୟବହାର ପାଇଥିବା ବ୍ୟକ୍ତି ଖୁସି ହୁଅନ୍ତି । ଆନକୁ ଭଲ ବ୍ୟବହାର ଦେଖାଇଲେ ଭଲ ବ୍ୟବହାର ଦେଖାଇଥିବା ବ୍ୟକ୍ତିଙ୍କ ଖାତିର ବଢ଼େ । ଖାତିର ପ୍ରତିଷ୍ଠା ପାଏ ।

ଛୋଟ ଛୋଟ କାମରେ ବି ମହାନତା ପ୍ରକାଶ ପାଏ । ଧରାଯାଉ ଦପ୍ତରରେ ହେଉ କି କେଉଁ ସର୍ବସାଧାରଣ ସୀମିତ ସ୍ଥାନ କ୍ଲବଘର ହେଉ ତଳେ ପଡ଼ିଯାଇଥିବା କିଛି ଜିନିଷକୁ ଦେଖି ନ ଦେଖିଲା ପ୍ରାୟେ ଆଡ଼େଇଯାଆନ୍ତି ଅନେକେ । ଯଦି କେହି ପଡ଼ିଥିବା ଦ୍ରବ୍ୟକୁ ତଳୁ ଗୋଟାଇ ଆଣି କେଉଁଠି ନିରାପଦରେ ରଖିଦେବାକୁ ପ୍ରଯତ୍ନ କରନ୍ତି, ତହିଁରେ କଣ ତାଙ୍କର ଛୋଟଲୋକୀ ପଣ ପ୍ରକାଶ ପାଇବ ? ଏହାର ଉତ୍ତର କେବେ ହିଁ ହେବ ନାହିଁ । ବରଂ, ସେଇ କାମ ବ୍ୟକ୍ତିଙ୍କ ଖାତିର ବାଇବାରେ ସହାୟକ ହୁଏ । ଝାଡୁ କରିବା, ଇଆଡ଼େ ସିଆଡ଼େ ଥିବା ଜିନିଷପତ୍ରକୁ ସାଇତି ସଜାଡ଼ି ରଖିବାରେ ଥାଏ ଭଲଗୁଣ । ତଳୁ କିଏ ଗୋଟାଉଛି (?) ଭାବନା ରଖୁଥିବା ବ୍ୟକ୍ତିଠି ଅସଲକୁ ଥାଏ ଛୋଟଲୋକୀପଣିଆ ।

ବାପୁ ମହାତ୍ମା ନିଜର ସବୁ ଛୋଟ ଛୋଟ କାମ ଯଥା– ଘର ସଫେଇ କରିବା, ଲୁଗା ସଫା କରିବା, ଅଇଁଠା ବାସନ ମାଜିବା, ଲୁଗା ବୁଣିବା, ସର୍ବୋପରି ସତ କହିବା ଆଦି ସକଳ କାମରେ ଜୀବନକୁ ଏକ ପ୍ରୟୋଗଶାଳା କରିଥିଲେ । ଅହିଂସା ମନ୍ତ୍ର ଓ ସତ୍ୟରେ ଆଗ୍ରହ, ଏ ଦି'ଟା ବାପୁଙ୍କ ପାଇଁ ବିଶ୍ୱ ବ୍ୟକ୍ତିତ୍ୱ ପରିଚୟ ଆଣିଦେଇଥିଲା । ବାପୁଙ୍କ ପ୍ରତ୍ୟେକଟି ଛୋଟ କାମ ତାଙ୍କ ମହାନତାର ସୂଚକ ଥିଲା । ଆଜିର ଦିନରେ ଯେଉଁମାନେ ଛୋଟ ଛୋଟ କାମ ଖାଲି ଦେଖାଇ ଜଣେଇ ହେବା ପାଇଁ ନୁହେଁ, ସବୁଠି ସବୁବେଳେ ଯେ କୌଣସି ସ୍ଥାନରେ କରିବାରେ ସାମାନ୍ୟତମ ସଂକୋଚବୋଧ ରଖନ୍ତି ନାହିଁ, ସେମାନଙ୍କ ମହାନତା ସ୍ୱୀକାର୍ଯ୍ୟ ହେବା ଆବଶ୍ୟକ । ଛୋଟ କାମରୁ ପରିଚୟ ତିଆରିବା କାମରେ ଯେଉଁମାନେ ରହନ୍ତି, ସେମାନଙ୍କୁ ମହାନ କୁହାଯିବ ନିଶ୍ଚୟ । ବାପୁଙ୍କ ତିନି ମାଙ୍କଡ଼ ମାହାତ୍ମ୍ୟ କିଏ ବା ଜାଣନ୍ତି ନାହିଁ ? ବାପୁଙ୍କ ବାଣୀ, ବାପୁଙ୍କ କାହାଣୀ ଚମତ୍କାର । ତାଙ୍କ କିମିଆଁକାରୀ ଜୀବନ ଚରିତ ଅତ୍ୟନ୍ତ ପ୍ରଭାଶାଳୀ । ଗାନ୍ଧି ଶବ୍ଦରେ କି ଯାଦୁ ଥିଲା ଯେ ଦେଶ ବାହାରେ, ଦେଶ ଭିତରେ ଅନେକ ଗାନ୍ଧି ତିଆରି ହୋଇଥିଲେ । ନାଁରେ କିମିଆଁ, କାମରେ କିମିଆଁ, ବାଣୀରେ କିମିଆଁ, ନେତୃତ୍ୱରେ କିମିଆଁ ବାପୁଙ୍କୁ ବଶ୍ୱ ବନ୍ଦିତ କରିଥିଲା । ଗାନ୍ଧିବାଦ ଏବେ ବି ରହିଛି ଜୀବନ୍ତ । ଗାନ୍ଧିଙ୍କ ଆଦର୍ଶ ଅନ୍ୟମାନଙ୍କ ପାଇଁ ସର୍ବକାଳୀନ ପାଳନୀୟ ।

ସାଧାରଣ ଲୋକ ତାଙ୍କ ବ୍ୟବହାର ଯଦି ମାର୍ଜିତ କରନ୍ତି, ସେଇ ବ୍ୟବହାରରେ ଆକର୍ଷିତ ହୁଅନ୍ତି ଅନ୍ୟମାନେ । ବ୍ୟବହାରରେ / ଆଚରଣରେ ଶୁଦ୍ଧତା ହିଁ ବ୍ୟକ୍ତି ପରିଚୟକୁ ସମୁନ୍ନତ କରେ । ଛୋଟ ବକଟେ ପିଲା ଯଦି ଅନ୍ୟକୁ ଭଲ ବ୍ୟବହାର ଦେଖାଏ, ତାର ପଛରେ ଥାଏ ସେଇ ପିଲାର ଉତ୍ତମ ଶିକ୍ଷା ଓ ଅତ୍ୟୁଚ୍ଚ ଆଦର୍ଶ । ସେଇ ସଂସ୍କାର ସେ ପାଇଥାଏ ପରିବାରଠୁ । ବାପାମାଆଙ୍କଠୁ । ଛୋଟ ପିଲାର ସଂସ୍କାରିତ ଢଙ୍ଗରଙ୍ଗରୁ ତାକୁ ଗଢ଼ିବାରେ ବାପାମାଆଙ୍କ ଜବରଦସ୍ତ ଭୂମିକା ରହିଥିବା କଥା ଜଣାଯାଏ । ଧରାଯାଉ ଜଣେ ଛୋଟ ପିଲା ସ୍କୁଲକୁ ନେଇକି ଯାଉଥିବା ଜଳଖିଆକୁ ସାଙ୍ଗସାଥୀଙ୍କୁ ଅଧିକ ଭାଗ ନିତି ଦେଇଥାଏ । ଆଉ ସିଏ କମ ରଖି ନିଜେ ସେତିକି ଖାଉଥାଏ । ଏ ଛୋଟ ଘଟଣାରୁ ଛୋଟ ପିଲା ହେଲେ କଣ ହେଲା, ତହିଁରୁ ତାର ଉଚ୍ଚ ବିଚାର ଶୁଦ୍ଧତା ପରିଲକ୍ଷିତ ହୁଏ । ଧନ୍ୟ କହିବାକୁ ହେବ ସେ ପିଲାକୁ । ତଦନୁରୂପ ଧନ୍ୟ ତାର ପିତାମାତା କୁହାଗଲେ ଭୁଲ ହେବ ନାହିଁ । ତେବେ ଭଲ ପଣ ଗୁଣକୁ ଛୋଟ ପିଲାଠୁ ବି ଶିଖିବାରେ ଅସୁବିଧା ନ ଥାଏ । ଛୋଟ ରସିଆ ପିଲାଠୁ ଗଛ ନଇଁବା ମନ୍ତ୍ର ଅଷ୍ଟାଦଶ ପୁରାଣର ରଚୟିତା ବ୍ୟାସଦେବ ଶିଖିଥିଲେ । ଖାଲି ଶିଖିନଥିଲେ ଗୁରୁ ବୋଲି ମାନିଥିଲେ ମଧ । ବୟସ୍କ କେହି ଯଦି ଭଲ ବ୍ୟବହାର ନ ଦେଖାନ୍ତି ସେ ବି ଅଗ୍ରହଣୀୟ ହୁଅନ୍ତି ସବୁଠି । ସବୁଠି ସମସ୍ତଙ୍କ ଶାଳୀନତାପୂର୍ଣ୍ଣ ବ୍ୟବହାର ଦେଖାଇଲେ ଯାଇ ସମସ୍ତଙ୍କଠି ଗ୍ରହଣୀୟ ହୁଅନ୍ତି ।

ବ୍ୟବହାର ଦେଖାଇବା ଯେମିତି ଏକ ଭଲ ଦିଗ, ବିଭିନ୍ନ ଦ୍ରବ୍ୟାଦିକୁ କେମିତି ଭଲ ଭାବେ ବ୍ୟବହାର କରିବ ସେଇ ଭଲ ଦିଗ ପ୍ରତି ବି ସଚେତନ ରହିବା ଜରୁରୀ ଆଜିର ଦିନରେ । ଯେତିକି ଦରକାର ସେତିକି ବ୍ୟବହାର କରାଯିବା ଆବଶ୍ୟକ । ଅନେକଙ୍କ ଖାଦ୍ୟ ଫିଙ୍ଗିବାର ବଦଅଭ୍ୟାସ ଥାଏ । ଯେତିକି ଖାଇବ ସେତିକି ନେବା ଭଲ । ଅଧିକ ଖାଦ୍ୟ ନେଇ ଖାଇ ନ ପାରି ଖାଦ୍ୟ ଫିଙ୍ଗିବା ଅନୁଚିତ । ସେମିତି ପାଣି, ବିଜୁଳି ଆଦିର ଅନାବଶ୍ୟକ ବ୍ୟବହାରକୁ ଏଡ଼ାଇବା ଭଲ । ଜଳ ଯେଣୁ ଜୀବନ, ତାର ଅପଚୟ ଅନୁଚିତ । ବିଜୁଳି ସଙ୍କଟକୁ ଏଡ଼ାଇବା ପାଇଁ ମିତବ୍ୟୟୀ ହେବା ସହ ବିଜୁଳି ବ୍ୟବହାରକାରୀଙ୍କୁ ସଚେତନ ହେବା ଜରୁରୀ । କୌଣସି ସ୍ଥିତିରେ ଫିଙ୍ଗାଫୋପଡ଼ା କାର୍ଯ୍ୟ ଠିକ ନୁହେଁ । ଆବଶ୍ୟକତା ଆଧାରରେ ଯାହାକିଛି ବ୍ୟବହାର କରାଯିବା ଭଲ । ଦରକାର ନ ଥାଇ ଖାଇବା, ଦରକାର ନ ଥାଇ ପିଇବା,ଦରକାର ନ ଥାଇ ଖର୍ଚ୍ଚ କରିବା, ଦରକାର ନ ଥାଇ କହିବା, ଏସବୁ ଗୋଟେ ଗୋଟେ ଅନୁଚିତ କାର୍ଯ୍ୟ । ଦରକାର ଥାଇ ଉପଯୋଗୀ ବ୍ୟବହାରରେ ସୌନ୍ଦର୍ଯ୍ୟବୋଧ ବି ପ୍ରକଟିତ ହୁଏ । ତହିଁରେ ଅଯଥା ଅପଚୟ ବା ନଷ୍ଟ ଯିବାର ସମ୍ଭାବନା ନ ଥାଏ ।

ତେବେ ଆସନ୍ତୁ ଭଲ ବ୍ୟବହାର ବା ଆଚରଣ ଆନକୁ ଦେଖାଇବା । ଖରାପ ବ୍ୟବହାର କାହାକୁ ଦେଖାଇବା ନାହିଁ । ଦରକାରୀ ଦ୍ରବ୍ୟାଦିର ଭଲ ବ୍ୟବହାର କରିବା । ମୂଲ୍ୟବାନ ସମୟର ବି ସଦୁପଯୋଗ କରିବା ସମୟର ମୂଲ୍ୟ ବୁଝି । ଠିକ୍ ସମୟରେ ଠିକ୍ କାମ କରି ସଫଳତାର ସିଡ଼ି ଚଢ଼ିବା । ସଫଳ ମଣିଷ ହେବା । ଜମା ଫମ୍ପା ନୁହେଁ, ନିଦା ମଣିଷ ହେବା ।

**ବଉଦରାଜ, ଜି. ବୌଦ୍ଧ**
**ମୋ–୯୪୩୭୪୭୮୪୬୬**

# ସାଧୁର ପରିଭାଷା

## ଉମାଶଙ୍କର ପ୍ରସାଦ

ସାଧୁ ଶବ୍ଦଟି ସ୍ମରଣମାତ୍ରେ ଆମ ମନ ଆକାଶରେ ଏକ ମାଳାତିଳକ ଯୁକ୍ତ ଗୈରିକ ବସ୍ତ୍ର ପରିହିତ, ଦଣ୍ଡ କମଣ୍ଡଳୁଧାରୀ ଭସ୍ମ ବିଭୂଷିତ, ମୂର୍ତ୍ତିଟିଏ କିମ୍ବା ଅହୋରାତ୍ର ନାମ ସଂକୀର୍ତ୍ତନରତ ମନୁଷ୍ୟଟିଏ ପ୍ରତିଭାତ ହୋଇଯାଏ । ଗୈରିକ ବସ୍ତ୍ର ଧାରଣ ନକରି ସୁଦ୍ଧା ଜଣେ ସାଧାରଣ ବ୍ୟକ୍ତି ନିଜ ସ୍ୱଭାବ ଓ ଚରିତ୍ରରେ ସାଧୁ ହୋଇଥାଏ । କଥାଟିଏ ମନେପଡେ । ଜଣେ ସାଧାରଣ ମଣିଷଟିଏ –ଗୁରୁଦୀକ୍ଷା ନେଇନି କି ସଂସାର ମଧ କରିନି । ଗେରୁଆ ବସ୍ତ୍ର ପିନ୍ଧିନି କି ଚିତା ତିଳକ କରିନି । କିନ୍ତୁ ଭଗବାନଙ୍କୁ ଭକ୍ତି କରୁଛି, ନାମ ଜପ କରୁଛି । କାହାରି ଅନ୍ତରକୁ ବାଧିଲାଭଳି କଥା କହୁନି । ପରଧନ ପ୍ରତି ଲାଳସା ରଖୁନି। ଯେଉଁଠି ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ଲାଭ କରି ତାଙ୍କ ନାମ ନେଇ ବୁଲୁଛି।

ଏହିପରି ବୁଲି ବୁଲି ଦିନେ ଏକ ବିଶାଳ ବଗିଚା ନିକଟରେ ପହଞ୍ଚିଲା। ବଗିଚାଟି ଫୁଲ ଫଳରେ ଅତି ସୁନ୍ଦର ଦେଖା ଯାଉଥିଲା । ବଗିଚାର ମାଲିକ ମଧ୍ୟ ସେଠି ବସିଥିଲେ । ଉକ୍ତ ଲୋକଟି ଆସି ସେଠାରେ ପହଞ୍ଚିବା ପରେ ବଗିଚାର ମାଲିକ ତାକୁ ଗରିବ ଲୋକଟିଏ ମନେକରି କହିଲା କିରେ ବାବୁ ମୋ ବଗିଚା ଜଗିବାକୁ ରହିବୁ କି ? ବଗିଚାର ଶାନ୍ତ ସୁନ୍ଦର କୁସୁମିତ ପରିବେଶ ଦେଖି ଲୋକଟି ଭାବିଥିଲା ଏପରି ଶାନ୍ତ ପରିବଶେ ମଧରେ ଭଗବାନଙ୍କର ଭଜନ ପୂଜନ କରିବାରେ ମନରେ ଏକାଗ୍ରତା ରହିବ । ତେଣୁ ମାଲିକ କଥାରେ ରାଜି ହୋଇ ବଗିଚାରେ ଜଗୁଆଳୀ ଭାବରେ ରହିଗଲା । ସମୟକ୍ରମେ ପାଚିଲା ଆମ୍ବ ସମୟ ଆସିଲା । ଥରେ ବଗିଚା ମାଲିକ ପାଚିଲା ଆମ୍ବ ଖାଇବା ପାଇଁ ଲୋକଟିକୁ କହିଲା, କିଛି ଆମ୍ବ ଗୋଟାଇ ଆଣ ଖାଇବା ।

ତତ୍‌କ୍ଷଣାତ୍ ଲୋକଟି କିଛି ପାଚିଲା ଆମ୍ବ ଆଣି ମାଲିକକୁ ଦେଲା।
ମାଲିକ ସେ ଆମ୍ବରୁ ଯେଉଁଟିକୁ ଖାଇଲେ ସବୁଗୁଡିକ ଖଟା ଲାଗିଲା।
ବିରକ୍ତ ହୋଇ ମାଲିକ କହିଲେ ତୁମେ ଏତେ ଦିନ ବଗିଚାରେ ରହିଲଣି,
କୋଉ ଆମ୍ବ ଖଟା ଓ କୋଉ ଆମ୍ବ ମିଠା ଜାଣି ପାରିଲନି ଯେ କେବଳ
ଖଟା ଆମ୍ବଗୁଡିକ ଆଣି ଖାଇବାକୁ ଦେଲ? ଲୋକଟି ଅତି ବିନମ୍ର
ଭାବରେ କହିଥିଲା ଆପଣ ମୋତେ ବଗିଚା ଜଗିବାକୁ କହିଥିଲେ, ଆମ୍ବ
ଖାଇବାକୁ କହି ନଥିଲେ। ତେଣୁ ମୁଁ ଖଟା ମିଠା ଜାଣନ୍ତି କିପରି ?
ଏଥର ବଗିଚା ମାଲିକ ତା କଥାରେ ସ୍ତମ୍ଭିଭୂତ ହେବା ସହ ଜଗୁଆଳୀ
ପାଦଛୁଇଁ ପ୍ରଣାମ କରି କହିଲା ତୁମ ଭଳି ମହାନ ସାଧୁପୁରୁଷଙ୍କ ସମ୍ପର୍କ
ପାଇ ମୋ ଜୀବନ ଧନ୍ୟ ହୋଇଗଲା । ପବିତ୍ର ମଧ୍ୟ ହୋଇଗଲା ।
ଏଣିକି ଆପଣ ମୋର ଚାକର ନୁହଁନ୍ତି ସଦ୍‌ଗୁରୁ ।

ତତ୍‌କ୍ଷଣାତ୍ ଲୋକଟି କିଛି ପାଚିଲା ଆମ୍ବ ଆଣି ମାଲିକକୁ ଦେଲା । ମାଲିକ ସେ ଆମ୍ବରୁ ଯେଉଁଟିକୁ ଖାଇଲେ ସବୁଗୁଡିକ ଖଟା ଲାଗିଲା । ବିରକ୍ତ ହୋଇ ମାଲିକ କହିଲେ ତୁମେ ଏତେ ଦିନ ବଗିଚାରେ ରହିଲଣି, କୋଉ ଆମ୍ବ ଖଟା ଓ କୋଉ ଆମ୍ବ ମିଠା ଜାଣି ପାରିଲନି ଯେ କେବଳ ଖଟା ଆମ୍ବଗୁଡିକ ଆଣି ଖାଇବାକୁ ଦେଲ?

ଲୋକଟି ଅତି ବିନମ୍ର ଭାବରେ କହିଥିଲା ଆପଣ ମୋତେ ବଗିଚା ଜଗିବାକୁ କହିଥିଲେ, ଆମ୍ବ ଖାଇବାକୁ କହି ନଥିଲେ । ତେଣୁ ମୁଁ ଖଟା ମିଠା ଜାଣନ୍ତି କିପରି ? ଏଥର ବଗିଚା ମାଲିକ ତା କଥାରେ ସ୍ତମ୍ଭିଭୂତ ହେବା ସହ ଜଗୁଆଳୀ ପାଦଛୁଇଁ ପ୍ରଣାମ କରି କହିଲା ତୁମ ଭଳି ମହାନ ସାଧୁପୁରୁଷଙ୍କ ସମ୍ପର୍କ ପାଇ ମୋ ଜୀବନ ଧନ୍ୟ ହୋଇଗଲା ।

ପବିତ୍ର ମଧ ହୋଇଗଲା । ଏଣିକି ଆପଣ ମୋର ଚାକର ନୁହଁନ୍ତି ସଦ୍‌ଗୁରୁ । କିଛି ଗେରୁଆ ବସ୍ତ୍ର ପରିଧାନ କରି ପ୍ରବଳ ସ୍ତୋତ୍ର ପାଠ କରୁଥିବା ସାଧୁ ପରିଚୟର ଅଂହକାର ସହିତ ବିଚରଣ କରୁଥିବା ସ୍ଥଳେ ଆଉ ଜଣେ ସହଜ ସରଳ ନିର୍ମଳ ଭାବ ସହିତ ଅସତ୍ୟ ଅଧର୍ମ ଚିନ୍ତା ରହିତ ହୋଇ ଦୁର୍ଭାବନାର ସୀମା ସ୍ପର୍ଶ କରୁନଥିବା ମଣିଷଟି। ଏମାନଙ୍କ ମଧରେ ଆପଣଙ୍କ ବିବେଚନାରେ ସାଧୁ କିଏ ?

ପରମାତ୍ମାଙ୍କ ପ୍ରିୟତମ ପ୍ରଦେଶରେ ପ୍ରବେଶ ପାଇଁ ବିଦ୍ୟା, ବିଭୁତି, ଜାତି, ବର୍ଣ୍ଣ, ମାନ, ସମ୍ମାନ, ସୁନ୍ଦର , ଅସୁନ୍ଦରର ବିଚାର ନାହିଁ। ନିଜକୁ ସରଳ ଓ ଚିତ୍ତକୁ ନିର୍ମଳ କରି ସତ୍ କର୍ମ ସହିତ ଯଥା ସମ୍ଭବ ଭଗବାନଙ୍କ ଭଜନ ତଥା ଗୁଣ କୀର୍ତ୍ତନ କରି ପାରିଲେ ତୁମ ଘରଟି ଭଗବାନଙ୍କ ନିବାସ ସ୍ଥାନ ହୋଇଯିବା ସହ ସମଗ୍ର ସମାଜରେ ସତ୍‌ଚିନ୍ତା, ସଦ୍ଭାବନାର ଉଦ୍ରେକ ହେବା ସହ ସମାଜ ହୋଇଯିବ ଭୂ ବୈକୁଣ୍ଠ ।

**ଖୋର୍ଦ୍ଧା ,**
**ମୋ–୬୩୭୦୬ ୭୫୫୬୨**

# ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

## ସାହିତ୍ୟ...

ରାଜନୀତିରେ ମଧ୍ୟ ଶ୍ରୀ ହୋତାଙ୍କର ଦଖଲ ଥିଲା । ଶ୍ରୀ ହୋତା ପୁରୀ ଏସ୍‌ସିଏସ୍ କଲେଜର ଛାତ୍ର ସଂସଦର ସମ୍ପାଦକ, ମୟୁରଭଞ୍ଜ ଛାତ୍ର କଂଗ୍ରେସର ସଭାପତି ଏବଂ ଗଡ଼ଜାତ ଛାତ୍ର କଂଗ୍ରେସର ସମ୍ପାଦକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ।

ଶିକ୍ଷାଲାଭ ପରେ ଶ୍ରୀ ହୋତା ୧୯୫୩ ମସିହାରେ ୟୁପିଏସ୍‌ସି ପକ୍ଷରୁ ଅନୁଷ୍ଠିତ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ୧୯୫୪ ଶେଷ ଆଡକୁ ସେ ଭାରତୀୟ ରେଳବାଇ ସେବାରେ ଯୋଗଦେଇଥିଲେ । ସେ ଭାରତୀୟ ରେଳବାଇ ଟ୍ରାଫିକ୍ ସେବାରେ ଯୋଗଦେଇ ୧୯୫୫ରୁ ୧୯୮୭ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ରହିଥିଲେ । ଶ୍ରୀ ହୋତା ଖୋର୍ଦ୍ଧା ରୋଡର ଡିଭିଜନାଲ ରେଳୱେ ମ୍ୟାନେଜର ଏବଂ ଦକ୍ଷିଣ-ପୂର୍ବ ରେଳବାଇ, କୋଲକାତାର ଚିପ କମର୍ସିଆଲ ମ୍ୟାନେଜର ଭାବେ ଦକ୍ଷତାର ସହ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ଓଡ଼ିଶା ସରକାରଙ୍କ ପରିବହନ ବିଭାଗ (ରେଳ ସମନ୍ୱୟ)ର କମିଶନର କମ୍ ସ୍ପେଶିଆଲ ସେକ୍ରେଟାରୀ ଏବଂ ରାଜ୍ୟ ସରକାରଙ୍କ ସ୍ପେଶିଆଲ ସେକ୍ରେଟାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ସର୍ବେକ୍ଷଣ ଓ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଥିଲା । କୋରାପୁଟ-ରାୟଗଡ଼ା ରେଳ, ସମ୍ବଲପୁର-ତାଳଚେର ରେଳ ଏବଂ ଜଖପୁରା-ବାଂଶପାଣି ରେଳ ପ୍ରକଳ୍ପ ଗୁଡିକୁ ମଞ୍ଜୁର କରାଯିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମିତ ହୋଇଥିଲା ।

ଚାକିରିରୁ ଅବସର ପରେ ଶ୍ରୀ ହୋତା ନିଜକୁ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସାକ୍ଷରତା ଆଦି କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ ଓ ରାଜ୍ୟର ମୁଖ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରି ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଥିଲେ ।

ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀ ହୋତା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି, ଓଡ଼ିଶା ରାଇଟର୍ସ ଫ୍ରଣ୍ଟ ସଭାପତି, ଭୁବନେଶ୍ୱର ପୁସ୍ତକ ମେଳା କମିଟିର ପ୍ରତିଷ୍ଠାତା, ଭାରତୀୟ ବିଦ୍ୟାଭବନର କାର୍ଯ୍ୟକାରୀ ସଭ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀର ପରାମର୍ଶଦାତା ବୋର୍ଡ ସଦସ୍ୟ, ନ୍ୟାସନାଲ ବୋର୍ଡ ଟ୍ରଷ୍ଟର ପରାମର୍ଶଦାତା ସଦସ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ଜେନେରାଲ କାଉନ୍ସିଲ ମ୍ୟାନେଜର, ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଦସ୍ୟ, ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟ, ଅରବିନ୍ଦ ସୋସାଇଟି ଆଦି ବହୁ ଅନୁଷ୍ଠାନର କର୍ମକର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରି ସେ ସୁନାମ ଅର୍ଜନ କରିଛନ୍ତି ।

ତାଙ୍କର ସାରସ୍ୱତ ସାଧନା ଓଡ଼ିଶା ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହିତ ସାହିତ୍ୟ କ୍ଷେତ୍ରରେ ସେ ଏକ ନୂତନ ଛାପ ଛାଡିଯାଇଛନ୍ତି । ଏଥିମଧ୍ୟରେ ପ୍ରବନ୍ଧ, କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ ଏବଂ ଅନୁବାଦ ଆଦି ପୁସ୍ତକ ଅନ୍ତର୍ଭୁକ୍ତ ସେଥିପାଇଁ ସେ କିଛି କମ ସମ୍ମାନୀତ ହୋଇନାହାନ୍ତି । ବହୁ ପୁରସ୍କାର ଓ ସମ୍ମାନ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆୱାର୍ଡ, ଇମ୍ପା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ମାନଜନକ ଶାରଳା ପୁରସ୍କାର, ଭାରତୀୟ ବିଦ୍ୟାଭବନ ଆୱାର୍ଡ ଓ କାଦମ୍ବିନୀ ଆୱାର୍ଡ ଆଦିର ସେ ଅଧିକାରୀ ହୋଇଥିଲେ ।

## ଭୁବନେଶ୍ୱରରେ...

ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ନିବେଶ ତଥା ସଂପ୍ରସାରଣ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିଛି । ଏହି ସେଣ୍ଟର ପ୍ରତିଷ୍ଠାଦ୍ୱାରା ରାଜ୍ୟର ବୈଷୟିକ ଅଭିବୃଦ୍ଧି ହୋଇପାରିବ । ଅଧିକନ୍ତୁ, ରାଜ୍ୟର ଯୁବବର୍ଗଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି ହୋଇପାରିବ ।

ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର କହିଥିଲେ ଯେ, ଓଡ଼ିଶାକୁ ଆଇଟି କମ୍ପାନୀମାନଙ୍କ ପ୍ରଥମ ପସନ୍ଦ କରିବାରେ ଆମେ ସମସ୍ତ ପ୍ରଚେଷ୍ଟା ଜାରିରଖିଛୁ । ଯାହାଦ୍ୱାରା ଆଜି ଓଡ଼ିଶା ନିବେଶକଙ୍କ ପାଇଁ ପ୍ରଥମ ପସନ୍ଦ ହୋଇପାରିଛି । ଭୁବନେଶ୍ୱରରେ କଗ୍ନିଜେଣ୍ଟ ପ୍ରୟୋଗକେନ୍ଦ୍ର ରାଜ୍ୟର ଆଇ.ଟି. ଇକୋସିଷ୍ଟମ୍କୁ ଆହୁରି ସୁଦୃଢ଼ କରିବ ଏବଂ ଓଡ଼ିଶାର ଯୁବକ-ଯୁବତୀମାନଙ୍କ ପାଇଁ ଅନେକ ସୁଯୋଗ ଆଣିଦେବ ବୋଲି ଆମର ଦୃଢ ବିଶ୍ୱାସ ।

ସୂଚନାଯୋଗ୍ୟଯେ, ଭୁବନେଶ୍ୱର ସ୍ଥିତ କଗ୍ନିଜେଣ୍ଟର ଏହି ନୂତନ କେନ୍ଦ୍ରରେ ଅତ୍ୟାଧୁନିକ ବୈଷୟିକ ଦକ୍ଷତାସମ୍ପନ୍ନ ୮୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟକରିବା ପାଇଁ ଯୋଜନା କରାଯାଇଛି ।

## କେନ୍ଦୁପତ୍ର...

ଟିଏ ଓ ସାଇକେଲ୍ ଆଲାଏନ୍ସରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । କେନ୍ଦୁପତ୍ର ତୋଳାଳି ମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ । ପୂର୍ବରୁ ଏହି ବୟସ ସୀମା ୬୦ ବର୍ଷ ଥିଲା ।

ଘୋଷଣା ଅନୁଯାୟୀ ଆଗାମୀ ଅପ୍ରେଲ ମାସରୁ ଆରମ୍ଭ ହେଉଥିବା ନୂଆ ଫସଲ ଋତୁରେ କେନ୍ଦୁପତ୍ର ତୋଳାଳି ପରିବାରକୁ ଦୁଇଟି ଝିଅ ବାହାଘର ପାଇଁ ସହାୟତା ମିଳିବ । ପ୍ରତ୍ୟେକ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ ।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ତାଙ୍କର ସମ୍ବଲପୁର ଜିଲ୍ଲା ଗସ୍ତ ଅବସରରେ ରେଢ଼ାଖୋଲ ସଭାରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କୀତ ଭିଡିଓ ମେସେଜ୍ ବଜାଇ ଶୁଣାଇଥିଲେ ।

ସୂଚନାଯୋଗ୍ୟ ଯେ କେନ୍ଦୁପତ୍ର ହିତାଧିକାରୀମାନଙ୍କ ମଧ୍ୟରୁ ଶତକଡା ୮୦ ଭାଗ ମହିଳା ଅଟନ୍ତି ଏବଂ ୯୫ ପ୍ରତିଶତରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି । କେନ୍ଦୁ ପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହିସବୁ ପଦକ୍ଷେପ ଦ୍ୱାରା ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀ ଉପକାର ପାଇବେ ଏବଂ ରାଜ୍ୟ ସରକାର ଏଥିପାଇଁ ୧୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ ।

## କେନ୍ଦୁପତ୍ର...

ପାଣ୍ଡିଆନ କହିଥିଲେ ଯେ, ପୂର୍ବ ସରକାରମାନେ କେନ୍ଦୁପତ୍ରରୁ ମିଳୁଥିବା ଲାଭକୁ ସରକାରଙ୍କ ରାଜସ୍ ଭାବି ଯୋଜନା କରୁଥିଲେଛ ନିର୍ବାଚନ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଖାଲି ପ୍ରତିଶ୍ରୁତି ଦେଉଥିଲେ ସିନା କେବେ କାର୍ଯ୍ୟକାରୀ କରୁନଥିଲେ । ତେବେ ନବୀନ ସରକାର କେନ୍ଦୁପତ୍ରକୁ କେବେ ଲାଭ ବୋଲି ବିଚାର କରିନାହାନ୍ତି । ଉଦାହରଣ ହେଉଛି କେନ୍ଦୁପତ୍ରରୁ ଯେତିକି ଲାଭ ମିଳୁଛି ବା ଆୟ ହେଉଛି ତା ଠୁ କାହିଁ କେତେଗୁଣା ଅଧିକା ଅର୍ଥ କେନ୍ଦୁପତ୍ର ଉପରେ ନିର୍ଭର କରୁଥିବା ଲୋକଙ୍କ କଲ୍ୟାଣ ଲାଗି ବଜେଟରେ ବରାଦ କରାଯାଉଛି ବୋଲି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ରାଜସ୍ୱ ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଅଛି । ସେମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ । ଜଙ୍ଗଲକୁ ଯାଇ ଖଟି, ପରିଶ୍ରମ କରୁଥିବା କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ସମସ୍ତ ଲାଭ । କେନ୍ଦୁପତ୍ର ତୋଳାଳି ୨୦୧୩-୧୪ ଆର୍ଥିକ ବର୍ଷରୁ ବୋନସ ପାଇ ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦୁପତ୍ର ତୋଳାଳିଙ୍କ ଯତ୍ନ ନେଇ ଆସିଛନ୍ତି । ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କଥା କମ କାମ ବେଶି କରନ୍ତି । ପଦମପୁର ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ୨ଟି କଥା କହିଥିଲେ । ତାହା ଆଜି ପୂରଣ କରିଛନ୍ତି । କେନ୍ଦୁପତ୍ର ଉପରେ ଥିବା ଜିଏସଟିରୁ ରାଜ୍ୟଭାଗ ଉଚ୍ଛେଦ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଛ କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ମଧ୍ୟ ସହାୟତା ଯୋଜନା ଜାରି ରଖିବାକୁ ଘୋଷଣା କରିଛନ୍ତି । ଯାହାବି କହିଥିଲେ କରିକି ଦେଖାଇଲେ ବୋଲି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମ୍ବଲପୁର ଚାଳମାଳ କାର୍ଯ୍ୟକ୍ରମରେ ଐତିହାସିକ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ତୋଳାଳିଙ୍କୁ ଦିଆଯାଉଥିବା ସୁବିଧା ନେଇ ଗୋଟି ଗୋଟି କରି ସୂଚନା ଦେଇଥିଲେ ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସରକାରଙ୍କ ଘୋଷଣାକୁ ଐତିହାସିକ କହିବା ସହ ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରିକି ଦେଖାଇଛନ୍ତି ବୋଲି କହିଥିଲେ ଫାଇଭ ଟି ଅଧ୍ୟକ୍ଷ ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଏବେ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ଦୁଇ ଗୁଣା ବୋନସ । ପୂର୍ବରୁ ମିଳୁଥିବା ୨୫ ପ୍ରତିଶତ ବୋନସକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଏଥିରୁ ରାଜ୍ୟର ୮ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳି ଉପକୃତ ହେବେ । ଏଥିପାଇଁ ସରକାର ୯୮ କୋଟି ଖର୍ଚ୍ଚ କରିବେ । ସେହିପରି କେନ୍ଦୁପତ୍ର ବନ୍ଧାଳି ଓ ଋତୁକାଳୀନ ଶ୍ରମିକଙ୍କ ଇନସେଣ୍ଟିଭ ଦୁଇଗୁଣା ଅର୍ଥାତ ୫ରୁ ୧୦ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଏଥିଲାଗି ସରକାର ୧୧ କୋଟି ଖର୍ଚ୍ଚ କରିବେ । ରାଜ୍ୟରେ ଥିବା ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ ଏଥିରୁ ଉପକୃତ ହେବେ ।

ସେହିପରି ଋତୁକାଳୀନ କର୍ମଚାରୀଙ୍କୁ ଖୁସି ଖବର ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେମାନଙ୍କର ବହୁଦିନର ଦରମା ବୃଦ୍ଧି ଦାବି ପୂରଣ ହୋଇଛି । ହେଡ ଚେକରଙ୍କ ମାସିକ ଦରମା ୨୨ ହଜାର ୬୩୧ରୁ ୨୪ ହଜାର ୪୨୦କୁ ବୃଦ୍ଧି ପାଇଛି । ମହଙ୍ଗା ଭତ୍ତା ୪ଶହ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି ପାଇଛି । ସର୍କଲ ଚେକରଙ୍କ ଦରମା ୧୭ ହଜାର ୭୪୦ରୁ ୨୧ ହଜାରରୁ ଅଧିକ ଗୋଇଛି । ଡିଏ ୩୦୦ ରୁ ୪୫୦କୁ ବୃଦ୍ଧି ପାଇଛି । ସେହିପରି ବନ୍ଧାଳୀ ଚେକରଙ୍କ ଦରମା ୧୪ ହଜାର ୮୦୦ ଟଙ୍କାରୁ ୧୭ ହଜାର ୬୮୦କୁ ବୃଦ୍ଧି ପାଇଛି । ଡିଏ ୨ଶହରୁ ୩ଶହ ଟଙ୍କାକୁ ବୃଦ୍ଧି ପାଇଛି । ମୁନସିଙ୍କ ଦରମା ୧୨ ହଜାର ୪୨୦ରୁ ୧୫ ହଜାର ୨୧୫ ଟଙ୍କାକୁ ବୃଦ୍ଧି ପାଇଛି । ମୁନସି-୨ଙ୍କ ଦରମା ୯ ହଜାର ୮୫୦ରୁ ୧୨ ହଜାର ୩୮୫ ଟଙ୍କାକୁ ବୃଦ୍ଧି କରାଯାଇଛି ।

ସେହିପରି କେନ୍ଦୁପତ୍ର କେରି ଦର ମଧ୍ୟ ବୃଦ୍ଧି କରିଛନ୍ତି ସରକାର । ପଦମପୁର ଉପନିର୍ବାଚନରେ ସରକାର କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଦେଇଥିବା ପ୍ରତଶ୍ରୁତି ପୂରଣ କରିଛନ୍ତି । କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ୨୫ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି । କେନ୍ଦୁପତ୍ର ତୋଳାଳିଙ୍କ ଲାଗି ମୋଟ ୨ଶହ କୋଟିର ପ୍ୟାକେଜ୍ ଘୋଷଣା କରିଛନ୍ତି ସରକାର । ସେହିପରି କେନ୍ଦୁପତ୍ର ଦର ମଧ୍ୟ ବୃଦ୍ଧି କରିଛନ୍ତି ସରକାର । ୨୦ ପତ୍ର କେରି ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି ହୋଇଛି । ୪୦ ପତ୍ର କେରି ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି ହୋଇଛି । କେନ୍ଦୁପତ୍ର କର୍ମଚାରୀଙ୍କ ସର୍ବାଧିକ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଇଛି । କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କ କଲେଜର ପାଠ ପଢିବା ଲାଗି ଛାତ୍ରବୃତ୍ତି ଆବେଦନ ଅବଧି ଆଉ ଗୋଟିଏ ମାସକୁ ବୃଦ୍ଧି ପାଇଛି ବୋଲି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ସିଜନାଲ ଷ୍ଟାଫଙ୍କ ପାଇଁ ଅଧିକ ଶ୍ରମଦିବସ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ୩ ମାସ ପାଇଁ କାମ ଆଉ ଗୋଟିଏ ମାସ ଅଧିକା କାମ ସୁଯୋଗ ବୃଦ୍ଧି ହୋଇଛି । ସେହିପରି ୬ ମାସ କାମ କଲେ ଆଉ ଗୋଟିଏ ମାସ ଅଧିକା ୭ ମାସ କାମ ପାଇବେ । ୮ ମାସ କରିଥିଲେ ଆଉ ଗୋଟିଏ ଅଧିକା ମାସ ମିଶାଇ ୯ ମାସ କାମ ପାଇବେ । ରାଜ୍ୟ ବଜେଟରୁ ସରକାର ଏଥିପାଇଁ ଶହେ କୋଟି ଅଧିକ ଅର୍ଥ ଦେଉଛନ୍ତି । ଯାହାବି ପ୍ୟାକେଜ ଲାଗୁ ହୋଇଛି ୧୦ ଦିନ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚିବ ବୋଲି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଏହାସହ ସମ୍ବଲପୁର ଚାରମାଲ ଗସ୍ତ ଅବସରରେ ଧର୍ମାନୁଷ୍ଠାନ ଏବଂ କମ୍ୟୁନିଟ ସେଣ୍ଟର ଦାବି ନେଇ ଆସନ୍ତା ୧୦ ଦିନରେ ଖୁସି ଖବର ମିଳିବ ବୋଲି କହିଥିଲେ ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଖୁବଶୀଘ୍ର ଜିଲ୍ଲାରେ ଆରମ୍ଭ ହେବ ଲକ୍ଷ୍ମୀ ଯୋଜନା । ମାମାନଙ୍କ ସହ ଛାତ୍ରଛାତ୍ରୀ ଏହି ବସରେ ୫ ଟଙ୍କା ଦେଇ ବ୍ଲକ ମୁଖ୍ୟାଳୟ ସହ ନିଜ ଶିକ୍ଷାନୁଷ୍ଠାନକୁ ଯାଇପାରିବେ ।

## ସମ୍ବଲପୁର...

ନିଜେ ଏକ କ୍ରୀଡାବିତ୍ ହୋଇଥିବାରୁ ସେ କ୍ରୀଡା ଛାତ୍ରାବାସରେ ରହୁଥିଲେ । ସେ ତାଙ୍କ ଅଭିଜ୍ଞତା ଖେଳାଳିଙ୍କ ସହ ବାଣ୍ଟିଥିଲେ ଓ ଖେଳାଳିଙ୍କ ସହ କ୍ରିକେଟ୍ ଖେଳିଥିଲେ । ଏହାପରେ ସେ ଭିମ୍‌ସାର ନିର୍ଦ୍ଦେଶକ ଓ ବରିଷ୍ଠ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ୭୦୦ ଶଯ୍ୟାର ଏକ ହସ୍ପିଟାଲ ନିର୍ମାଣ କରାଯିବ । ହଷ୍ଟେଲ କ୍ୟାମ୍ପସ୍‌କୁ ବିକାଶ କରାଯିବା ସହ ଏଥିରେ କ୍ରୀଡା କେନ୍ଦ୍ର ରହିବ । କର୍ମଚାରୀମାନଙ୍କର ବାସଗୃହକୁ ମଧ୍ୟ ପ୍ରାଥମିକତା ଦିଆଯିବ । ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର କୋଟି ଟଙ୍କ ଖର୍ଚ୍ଚ ହେବ । ଏଥିଲାଗି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି । କ୍ୟାମ୍ପସ୍‌ର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପର୍ଯ୍ୟାୟରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି । ଏହାପରେ ସେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥଳୀ ଖିଣ୍ଡା ଯାଇଥିଲେ । ସେଠାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମା’ ସମଲେଶ୍ୱର ମନ୍ଦିର ଯାଇ ଭକ୍ତ ଓ ତୀର୍ଥଯାତ୍ରୀଙ୍କ ସହ ଆଲୋଚନା କରି ନୂଆ ସୁବିଧା ସମ୍ପର୍କରେ ଫିଡ୍‌ବ୍ୟାକ୍ ନେଇଥିଲେ । ଭକ୍ତମାନେ ସମଲେଇ ପ୍ରକଳ୍ପରେ ହୋଇଥିବା ବିକାଶ ନେଇ ସେମାନଙ୍କ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ ।

# ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକ, ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ

ଭୁବନେଶ୍ୱର (ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳ ରେ ଏକ ସଡକ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ବ୍ୟକ୍ତି ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଗ୍ରାମୀଣ ବିତରକ ଗ୍ୟାସ ଗୋଦାମରୁ ଚୋରି

ବେତନଟୀ ,(ସବ୍ୟୁ) :ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ଛକ ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାନୀୟ ନଡପୁର ଗ୍ରାମର ଜ୍ୟୋତିପ୍ରକାଶ ସାହୁଙ୍କର ବ୍ରଜମୋହନ ଇଣ୍ଡେନ ଗ୍ରାମୀଣ ବିତରକ ନାମକ ଗ୍ୟାସ ଏଜେନ୍ସିର ଗୋଦାମ ରହିଛ। ଜ୍ୟୋତିପ୍ରକାଶର ଅଭିଯୋଗ ମୁତାବକ ଶନିବାରି ସକାଳୁ ୧୦ଟା ସମୟରେ ତାଙ୍କ ଡେଲିଭରି ବୟ ଛତିଶ ମହାନ୍ତ ଗ୍ୟାସ ସିଲିଣ୍ଡର ନେବାକୁ ଆସି ଦେଖିବାକୁ ପାଇଥିଲା କି ଗୋଦାମ ତାଲା ଭଙ୍ଗା ଯାଇଛି । ପରେ ସେ ସଙ୍ଗେ ସଙ୍ଗେ ଜ୍ୟୋତିପ୍ରକାଶକୁ ଫୋନ କରିବାରୁ ସେ ଆସି ଘଟଣାସ୍ଥଳରେ ପହଁଚି ଦେଖିବାକୁ ପାଇଥିଲେ କି ଗୋଦାମରୁ ୨୭ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୩୨ଟି ଖାଲି ସିଲିଣ୍ଡର ଓ ୧ଟି ୫କିଗ୍ରା ର ସିଲିଣ୍ଡର ସମେତ ମୋଟ ୬୦ ଗୋଟି ସିଲିଣ୍ଡର ଚୋରି ହୋଇଯାଇଛି । ପରେ ସେ ଏନେଇ ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ । ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଏନେଇ ବୈଶିଙ୍ଗା ଥାନାରେ ୬୧/୨୪ନଂ ରେ ଏକ ମାମଲା ରୁଜୁ କରିଥିବାର ସୂଚନା ମିଳିଛି ।

# ଗମନାଗମନକୁ ସୁଗମ କରିଛି ‘ଲକ୍ଷ୍ମୀ’

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ରାଜ୍ୟ ସରକାରଙ୍କର ଗମନାଗମନକୁ ସୁଗମ କରିବା ଲାଗି ହୋଇଥିବା ପ୍ରଚେଷ୍ଟାକୁ ‘ଲକ୍ଷ୍ମୀ’ ଯୋଜନା ବେଶ୍ ସହାୟକ ହେଉଛି । ଗ୍ରାମାଞ୍ଚଳରୁ ସହରାଞ୍ଚଳରୁ ସୁନିଶ୍ଚିତ ବସ୍ ସଂଯୋଗ ସୁଲଭ ଓ ନିର୍ଭରଯୋଗ୍ୟ ସେବାରେ ‘ଲକ୍ଷ୍ମୀ’ ଏବେ ବେଶ୍ ଉପାଦେୟ ସାବିତ ହୋଇଛି । ମହିଳାମାନଙ୍କ ପାଇଁ ପଞ୍ଚାୟତରୁ ବ୍ଲକ୍‌କୁ ଯିବା ଆସିବା ଲାଗି ମାତ୍ର ୫ଟଙ୍କା ଦେବାକୁ ପଡୁଛି । ମହିଳା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି । ଏହାଛଡା ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ବେଶ୍ ପ୍ରୋତ୍ସାହନ ମିଳୁଛି । ଯାତ୍ରୀ ଏବଂ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକମାନେ ନିରାପଦ ଭାବେ ଯାତ୍ରା କରୁଛନ୍ତି । ଗାଁରୁ ସହରକୁ ଯିବା ଆସିବା ବେଶ୍ ସୁଗମ ହୋଇଛି । ସ୍ୱଚ୍ଛ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି ସାଧାରଣ ପରିବହନ ବ୍ୟବସ୍ଥା ବେଶ୍ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି । ମାଲକାନଗିରିରୁ ପ୍ରଥମେ ଏହା ଆରମ୍ଭ ହୋଇଥିଲା । ଏବେ କୋରାପୁଟ, ରାୟଗଡା, ଦେବଗଡ ସମେତ କେତେକ ଜିଲ୍ଲାରେ ଏହି ସେବା ଆରମ୍ଭ ହୋଇଛି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ, ବଲାଙ୍ଗୀର, ବରଗଡ, କେନ୍ଦୁଝର ଓ ସୁନ୍ଦରଗଡ ପାଇଁ ‘ଲକ୍ଷ୍ମୀ’ ଯୋଜନାର ଆରମ୍ଭ କରିବେ ।

# ଜୟନ୍ତୀ ବିଦ୍ୟାପୀଠରେ ୧୯୯୪ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭୁବନେଶ୍ୱର , (ସବ୍ୟୁ) :ନଗସପୁର ସ୍ଥିତ ଜୟନ୍ତୀ ବିଦ୍ୟାପୀଠର ୧୯୯୪ ମସିହାର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଗତ ୨୭ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଜୟନ୍ତୀ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା।ପୁରାତନ ଛାତ୍ର ଇଂ ଆଲୋକ ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୃସିଂହ ଚାନ୍ଦ, ରଂଜନ କୁମାର ଷଡ଼ଙ୍ଗୀ, ଦୀପକ୍ ପଣ୍ଡା, ଖଇରୁନ୍ ନିସା, ସଂଯୁକ୍ତା ମହାନ୍ତି, ପୁନାନନ୍ଦ ଦାସ,ପ୍ରଶାନ୍ତ ଷଡ଼ଙ୍ଗୀ, କିଶୋର ପରିଡ଼ା, ଶିଶିର କୁମାର ବେହେରା, ବଳରାମ ସ୍ୱାଇଁ,ଦେବଦତ୍ତ ଦାସ, ରାହାସ ବିହାରି ପରିଡ଼ା,ସସ୍ମିତା ଷଡ଼ଙ୍ଗୀ,ସନାତନ୍ ବେହେରା, ହେମନ୍ତ ମଲ୍ଲିକ,ମନୋଜ ସାମଲ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁଣି ଥରେ ଦୀର୍ଘ ୩୦ ବର୍ଷ ତଳର ସ୍କୁଲ ଜୀବନର ସେଇ ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିଥିଲେ।

# ଘର ଭାଙ୍ଗିଲେ, ଧାନ ଖାଇଲେ ୩ ବଣୁଆ ହାତୀ

ବେତନଟୀ , (ସବ୍ୟୁ) : କିଛି ଦିନର ବ୍ୟବଧାନ ପରେ ପୁଣି ଶନିବାର ରାତି ୧୨ଟା ସମୟରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧିନ ଗଡଦେଉଳିଆ ପଞ୍ଚାୟତର ବାଲକା ଗ୍ରାମରେ ପ୍ରବେଶ କଲେ ତିନୋଟି ବଣୁଆ ହାତୀଛ ତିନୋଟି ବଣୁଆ ହାତୀ ଗାଁ ମୁଣ୍ଡରେ ଥିବା ହାଟ ପଡିଆରେ ବିଚରଣ କରୁଥିବା ବେଳେ ମଧ୍ୟ ରାତ୍ରୀ ସମୟରେ ଖାଦ୍ୟ ଅନ୍ୱେଷଣରେ ଉକ୍ତ ଗ୍ରାମର ରଘୁ ମାଝି ଓ ବିଷ୍ଣୁ ଟୁଡୁଙ୍କ ଘର ମୁହାଁ ହୋଇଥିଲେ। ଘରେ ରଘୁ ନଥିବା ବେଳେ ସ୍ତ୍ରୀ ବୁଧୁନି ଘର ବାରଣ୍ଡାରେ ଏବଂ ପୁଅ ଘର ଭିତରେ ଶୋଇଥିଲେ। ବୁଧୁନି ହାତୀ ଆସୁଥିବାର ଶବ୍ଦ ପାଇ ପୁଅଙ୍କୁ ଉଠାଇ ଜୀବନ ବଞ୍ଚାଇ ପଡୋଶୀ ଘରକୁ ପଳାଇଯାଇଥିଲେଛ ତେବେ ହାତୀ ଦୁଇଟି ରଘୁ ମାଝିଙ୍କ ଗଚ୍ଛିତ ଥିବା ଧାନକୁ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ।ସେହି ପରି ଅନ୍ୟ ଗୋଟିଏ ହାତୀଟି ବିଷ୍ଣୁ ଟୁଡୁଙ୍କ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ।ତେବେ ଘଟଣା ସ୍ଥଳରେ ବନ ବିଭାଗର ଏକ ଟିମ ସଜାଗ ରହିଥିବା ବେଳେ ସେମାନେ ବଣୁଆ ହାତୀ ପୋଲ ତିନୋଟିର ଗତିବିଧିକୁ ଅନୁଧ୍ୟାନ କରୁଛନ୍ତିଛ ତେବେ ଖାଦ୍ୟ ଅନ୍ୱେଷଣରେ ଏହି ହାତୀ ତିନୋଟି ଜନବସତି ଭିତରକୁ ପଶି ଆସି ଥିବାରୁ ଗ୍ରାମରେ ଭୟର ବାତାବରଣ ମଧ୍ୟ ଦେଖାଯାଇଛିଛ ବନବିଭାଗ ଦ୍ୱାର ସେମାନଙ୍କର କ୍ଷୟକ୍ଷତି ଆକଳନ କରାଯାଇ ଯଥା ଶୀଘ୍ର ଉଚିତ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।

# ମଧୁବାବୁ ପେନ୍‌ସନ ବଢାଇ ଥିବାରୁ ସରକାରଙ୍କୁ ଓଡିଶା ବରିଷ୍ଠ ନାଗରିକ ମହାସଂଘର କୃତଜ୍ଞତା

ଭୁବନେଶ୍ୱର, (ସବ୍ୟୁ): ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କ ମାସିକ ମଧୁବାବୁ ପେନସନ ସରକାର ୫୦୦ଟଙ୍କା ବୃଦ୍ଧି କରାଇ ଥିବାରୁ ଓଡିଶା ବରିଷ୍ଠ ନାଗରିକ ମହାସଂଘ, (FOSCAO) ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଛି । ଯେଉଁ ହିତାଧିକାରୀମାନେ ୫୦୦, ୭୦୦,୯୦୦ ଟଙ୍କାର ପେନସନ ପାଉଥିଲେ, ସେମାନେ ବର୍ଦ୍ଧିତ ହାରରେ ଚଳିତ ଫେବୃଆରୀ ମାସ ଠାରୁ ୧୦୦୦, ୧୨୦୦୦, ୧୪୦୦୦ ଟଙ୍କା ପେନସନ ପାଇବେ ।

ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଫଳରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକମାନେ ଉପକୃତ ହୋଇ ପାରିବେ । ଏହି ଯୋଜନାର ସହାୟତା ରାଶି ବଢାଇବା ପାଇଁ ଓଡିଶା ବରିଷ୍ଠ ନାଗରିକ ମହାସଂଘ ସରକାରଙ୍କ ଠାରେ ବହୁବାର ଦାବି ଉପସ୍ଥାପନା କରିବା ସହିତ ରାଜଧାନୀରେ ଗତ ବର୍ଷ ଅକ୍ଟୋବର ମାସ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ ଏବଂ ସରକାରଙ୍କ ପାଖରେ ସବୁ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଗଲା ।

ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ସୁରକ୍ଷା ପାଇଁ ଓଡିଶା ବରିଷ୍ଠ ନାଗରିକ ମହାସଂଘ, FOSCAO ସର୍ବଦା ଜାଗ୍ରତ ରହିଛି । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଆମ୍ଭମାନଙ୍କୁ ସବୁବେଳେ ସହଯୋଗର ହାତ ବଢାଇଥିବାରୁ ଏବଂ ଦିଗଦର୍ଶନ ଦେଉଥିବାରୁ ସମସ୍ତଙ୍କୁ ମହାସଂଘ ତରଫରୁ ଏହାର ସଭାପତି ଡଃ ପି.କେ ଦାସ, କାର୍ଯ୍ୟକାରୀ ସଭାପତି ଇ. ଗିରିଜା ମହାନ୍ତି ଏବଂ ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରୁଛନ୍ତି ।

# ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ସଚେତନତା ଶିବିର

ନୀଳଗିରି (ସ.ବ୍ୟୁ)-ଆଦିବାସୀ ଅଧ୍ୟୁଷିତ ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣି ଠାରେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ,ସାଂସ୍କୃତିକ ଅନୁଷ୍ଠାନ ଓ ବଣଧୂଳିର ଫୁଲ ଏବଂ ଶାଳବଣି ଭୂମିଜ ଆଦିବାସୀ ନୃତ୍ୟ ମଣ୍ଡଳୀର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିଷେଧ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବଣଧୂଳିର ଫୁଲର ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟଙ୍କ ଅତିଥି ସ୍ୱାଗତ ପରେ ମୁଖ୍ୟ ଅତିଥି ତଥା ବରିଷ୍ଠ ଆଇନ ଜୀବୀ ହରେକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ବାସନ୍ତୀମଣି ସିଂ,ହରିଶ୍ଚନ୍ଦ୍ର ରାଜ, ଅଂଶୁମାନ ମହାନ୍ତି, ଏସ୍‌ବି ସୁବାଶିଷ, ଆଇନଜୀବୀ ପ୍ରଦୀପ ଦାସ, ସୋମନାଥ ନାୟକ, ଶଙ୍କର କୁମାର ଧନ୍ଦା ପ୍ରମୁଖ ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ଉପରେ ପରାମର୍ଶ ଦେଇଥିଲେ । କବିତା ସିଂ ଏବଂ ବଣଧୂଳିର ଫୁଲର ଶାଳଭୂମି ଆଦିବାସୀ ଭୂମିଜ ନୃତ୍ୟଶିଳ୍ପୀ ଏବଂ ଆଖପାଖ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଶେଷରେ ବଣଧୂଳି ଫୁଲର ପ୍ରମୁଖ କାର୍ଯ୍ୟନିର୍ବାହୀ ବାଇଧର ସିଂ,ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୁନିଟ୍ ୧ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଭୁବନେଶ୍ୱର (ସବ୍ୟୁ) : ୟୁନିଟ୍ ୧ ସରକାରୀ ଉଚ୍ଚ ବିଦ୍ୟାଳୟ ର ୧୯୮୨ ମସିହା ବ୍ୟାଚ ର ପୁରାତନ ଛାତ୍ର ମାନଙ୍କର ବନ୍ଧୁମିଳନ ଭୁବନେଶ୍ୱର ସ୍ଥିତ ହୋଟେଲ ୭ ସାତ ରେ ୧୧/୦୨/୨୦୨୪ ଦିନ ଅନୁଷ୍ଠିତ ହୋଇ ଯାଇଅଛି ।

ଏହି ବନ୍ଧୁମିଳନ ରେ ସମସ୍ତ ପ୍ରାକ୍ତନ ଛାତ୍ର ବନ୍ଧୁ ମାନେ ଯୋଗଦାନ କରି ସ୍କୁଲ ଜୀବନର ଅତୀତ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଶିକ୍ଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଆସନ୍ତା ଦିନ ମାନଙ୍କରେ ଏହିପରି ବନ୍ଧୁମିଳନ ନିୟମିତ ଅନୁଷ୍ଠିତ କରିବାର ନିଷ୍ପତି ନିଆ ଯାଇଥିଲା ।

# ମାସକୁ ୩ ହଜାର ଟଙ୍କା ଭତ୍ତା ଦେବାକୁ ସିପିଏମ୍‌ର ଦାବି

ଜଳେଶ୍ୱର (ସ.ବ୍ୟୁ)-ରାଜ୍ୟ ସରକାର ୫ଶହ ଟଙ୍କା ଭତ୍ତା ବୃଦ୍ଧି କରି ନିର୍ବାଚନକୁ ସାମ୍ନାରେ ରଖି ବ୍ୟାପକ ପ୍ରଚାର କରୁଛନ୍ତି । ଆଜିର ବଜାର ଅବସ୍ଥାକୁ ଦେଖିଲେ ଏହି ଭତ୍ତା ବୃଦ୍ଧି ସମୁଦ୍ରକୁ ଶଙ୍ଖେ ପାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରିସ୍ଥିତିରେ ସରକାର ସର୍ବନିମ୍ନ ଭତ୍ତା ୩ହଜାର ଟଙ୍କା କରିବା ନିମନ୍ତେ ସିପିଏମ୍ ପକ୍ଷରୁ ଦାବି କରାଯାଇଛି । ଅନ୍ୟ ପକ୍ଷରେ ସଯୁକ୍ତ କିଶାନ ମୋର୍ଚ୍ଚା, ମିଳିତ କେନ୍ଦ୍ରୟ ଟ୍ରେଡ ୟୁନିୟନ, ସ୍ୱାଧିନ ଫେଡ୍ରେସନ ୨୧ ଦଫା ଦାବି ନେଇ ଚଳିତ ମାସ ୧୬ତାରିଖରେ ଦେଶ ବ୍ୟାପି ସାଧାରଣ ଧର୍ମଘଟ ଡାକରା ଦେଇଥିବା ବେଳେ ସିପିଆଇଏମ୍ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି । ଏହିପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସର୍ବଶ୍ରୀ ଦିଲ୍ଲୀପ କୁମାର ଗିରି, ଶିଶିର କୁମାର ହୋଇ, ଦିଲ୍ଲୀପ କୁମାର ପରିଡ଼ା, ପଲ୍ଟୁ ଦାସ, ଜୀବନ ପରିଡ଼ା,ରବିନ୍ଦ୍ର ବାରିକ, ରାଜକୁମାର ଆଚାର୍ଯ୍ୟ, ସବିତା ଭୂୟାଁ ପ୍ରମୁଖ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ ।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ଜଳେଶ୍ୱର, (ସବ୍ୟୁ) :ଜଳେଶ୍ୱର ସହର ବଡ଼ ବଜାର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ(୬୨)ଙ୍କର ଶନିବାର ଅପରାହ୍ନ ସମୟରେ ପରଲୋକ ହୋଇଯାଇଛି ।।ସ୍ୱର୍ଗତଃ ସାହୁ ଜଣେ ସଫଳ ବ୍ୟବସାୟୀ ଭାବେ ସହରାଞ୍ଚଳରେ ବେଶ୍ ପରିଚିତ ଥିଲେ । ସ୍ଥାନୀୟ ଶାନ୍ତିଆ ଗ୍ରାମର ମୂଳ ବାସିନ୍ଦା ସ୍ୱର୍ଗତଃ ସାହୁ ଦୀର୍ଘଦିନ ଧରି ବଡ଼ବଜାର ଜଗନ୍ନାଥ ମନ୍ଦିର ପାଖରେ ଏକ ପାନ ମସଲା ଦୋକାନ ତଥା ଗୋଦାମ କରି ପରବର୍ତ୍ତୀ ସମୟରେ ବିଭିନ୍ନ କମ୍ପାନୀର ଖାଦ୍ୟ ଦ୍ରବ୍ୟ ବିକ୍ରେତା ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କର ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବାପରେ ଜଳେଶ୍ୱର ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତିଙ୍କ ସମେତ ବିଷ୍ଣୁପଦ ମହାନ୍ତି, କ୍ଷେତ୍ରମୋହନ ଗିରି, ବିଜୟ କାମିଲା ଆଦିକନ୍ଦ ହୁଇ, ମିର ଲାଲଚନ୍ଦ, ରାମ ଭରସ ସାହୁ, ମାଧବ ଜେନା ପ୍ରମୁଖ ସଂଘର କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତଃ ସାହୁଙ୍କ ପରଲୋକ ପରେ ରବିବାର ସନ୍ଧ୍ୟାରେ ବଡ଼ବଜାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କର ପତ୍ନୀ, ୨ ପୁଅ, ୨ ଭାଇ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତଃ ସାହୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷାରେ ଦିକ୍ଷୀତ ଥାଇ ଗୁରୁଭାଇଭାବେ ବିଭିନ୍ନ ଅଧିବେଶନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ଚାରି ପଞ୍ଚାୟତରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆଗରପଡ଼ା (ସବ୍ୟୁ) : ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଆଗରପଡ଼ା ଚଉଦ ନମ୍ବର ଜୋନ ଅନ୍ତର୍ଗତ ଗୋପୀନାଥପୁର, ଚାରିଗାଁ, ଅଣିଜୋ ଓ ବଡ଼ମହିଁଷଗୋଠ ପଂଚାୟତରେ ପୃଥକଭାବେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ବିଡିଓ ପ୍ରଦୀପ ସେଠୀ,ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ସଭ୍ୟା ରୁନିତା ଦାସ, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଟେଲିଷ୍ଟାର ସତ୍ୟବ୍ରତ ପାଣିଗ୍ରାହୀ, ସରପଂ ଗୀତିକା ଭୋଇ, ବିନୋଦିନୀ ମହାନ୍ତି,ପ୍ରକାଶ ବିଶ୍ୱାଳ,ମାଳତି ପୃଷ୍ଟି,ସମିତିସଭ୍ୟା ଅତସ୍ମିତା ରାଉତ, ଧରଣୀଧର କର, ଯୁବନେତା ବନମାଳୀ ବେହେରା,ଧରଣୀଧର ପୃଷ୍ଟି ପ୍ରମୁଖ ବିଭିନ୍ନ ପଂଚାୟତରେ ଆୟୋଜିତ ସଭାରେ ଉପସ୍ଥିତ ଥିଲେ। ବିଭିନ୍ନ ସଚେତନତାଧର୍ମୀ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମମାନ ପ୍ରଦର୍ଶୀତ ହୋଇଥିଲା.ଏହି ଅବସରରେ କଳାକାର, ଅଙ୍ଗନବାଡ଼ି କର୍ମୀ ଆଦି ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ୧୯ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍

# ଅଷ୍ଟ୍ରେଲିଆ ୪ର୍ଥ ଥର ଚାମ୍ପିଅନ

### ଟାଇଟଲ ହାତଛଡ଼ା କଲା ଭାରତ




ବେନୋନୀ, ୧୧।୨ (ଏଜେନ୍ସି): ୧୯ବର୍ଷରୁ କମ୍ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫଳାଫଳ ଆସିଯାଇଛି । ପୁଣିଥରେ କଙ୍ଗାରୁ ଦଳ ନିଜର ଶକ୍ତି ପ୍ରଦର୍ଶନ କରି ଡିଫେଣ୍ଡି ଚାମ୍ପିଅନ ଭାରତକୁ ଧରାଶାୟୀ କରି ୪ର୍ଥ ଟାଇଟଲ ହାତେଇଛି । ୫ଥର ବିଶ୍ୱ ବିଜେତା ହୋଇଥିବା ଜୁନିଅର ଭାରତୀୟ ଦଳ ରବିବାର ଫାଇନାଲରେ ଅଷ୍ଟ୍ରେଲିଆ ନିକଟରେ ଆତ୍ମସମର୍ପଣ କଲାଭଳି ଖେଳିଥିଲା । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫୦ଓଭରରେ ୭ ୱିକେଟ ହରାଇ ୨୫୩ରନ୍ କରିଥିଲା । ଜବାବରେ ଭାରତ ୪୩.୫ଓଭରରେ ୧୭୪ରନ୍ କରି ଅଲଆଉଟ ହୋଇଥିଲା ।

୨୫୪ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା ଭାରତ । କିନ୍ତୁ ଆରମ୍ଭରୁ ଶେଷଯାଏ ଭାରତୀୟ ବ୍ୟାଟର ଅନ୍ତତ୍ୟ ଦୟନୀୟ ଖେଳିଥିଲେ । ୩ ଓ ୪ଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ୨ଅଙ୍କ ଛୁଇଁ ପାରିନଥିଲେ । ଭାରତୀୟ ପାଳିରେ ଜଣେ ମଧ୍ୟ ବ୍ୟାଟର ୫୦ରନ୍ ଅତିକ୍ରମ କରିପାରିନଥିଲେ । କେବଳ ଓପନର ଆଦର୍ଶ ସିଂ ୪୭, ମୁଶିର ଖାନ୍ ୨୨, ମୁର୍ଗାନ ଅଭିଶେକ ୪୨ ଓ ନମନ ତିୱାରୀ ଅପରାଜିତ ୧୪ରନ୍ କରିଥିଲେ । ତେଣୁ ଭାରତ ୪୩/୫ଓଭରରେ ୧୭୪ରନ କରି ଧରାଶାୟୀ ହୋଇଥିଲା । ଫଳରେ ଅଷ୍ଟ୍ରେଲିଆ ୭୯ରନ ବ୍ୟବଧାନରେ ବଡ ବିଜୟ ହାସଲ କରି ବିଶ୍ୱ ବିଜେତା ମୁକୁଟ ପିନ୍ଧିଛି ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ । ଦଳ ପକ୍ଷରୁ ହ୍ୟାରି ଡିକ୍ସନ ଏବଂ ସାମ୍ କନ୍‌ଷ୍ଟାସ୍ ଓପନିଂ କରିଥିଲେ । ଆରମ୍ଭର ସାମଙ୍କୁ ବୋଲ୍ଡ କରି ଲିମ୍ବାନୀ ଦଳକୁ ବଡ ସଫଳତା ଦେଇଥିଲେ । ସେ ୮ଟି ବଲ ଖେଳି ଖାତା ଖୋଲିପାରିନଥିଲେ । କିନ୍ତୁ ଅଧିନାୟକ ହ୍ୟୁଗ ୱିବଜେନ୍ ୪୮, ହରଜାସ ସିଂ ୫୫, ରିଆନ ହିକସ୍ ୨୦, ଓଲିଭର ପିକ୍ ଅପରାଜିତ ୪୬ ଓ ଚାର୍ଲି ଆଣ୍ଡରସନ୍ ୧୩ରନ୍ କରିବାରୁ ୫୦ଓଭରରେ ୨୫୩/୭ରେ ପହଞ୍ଚିଥିଲା ଅଷ୍ଟ୍ରେଲିଆ । ଭାରତର ରାଜ ଲିମ୍ବାନୀ ୩ଟି, ନମନ ତିୱାରୀ ୨ଟି, ସୋମ୍ୟ ପାଣ୍ଡେ ଓ ମୁସିର ଖାନ୍ ଗୋଟିକରି ୱିକେଟ ସଫଳତା ହାତେଇଥିଲେ ।

ପୂର୍ବରୁ ଭାରତୀୟ ଦଳ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ବିଶ୍ୱ ଚାମ୍ପିଅନ ହୋଇଥିଲା । ସେହିଭଳି ଅଷ୍ଟ୍ରେଲିଆ ଦଳ ୧୯୮୮, ୨୦୦୨, ୨୦୧୦ ତଥା ୨୦୨୪ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି ।



ସମ୍ବଲପୁରର ଭିଏସଏସ୍ କ୍ରିକେଟ ଷ୍ଟାଡିୟମର ନବକଳେବର ହେବ । ତାହା କିଭଳି ଦେଖାଯିବ ସେ ନେଇ କ୍ରୀଡା ବିଭାଗ ପକ୍ଷରୁ ଏକ ଆନିମେଶନ ଜାରି କରାଯାଇଛି । ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ରବିବାର ସମ୍ବଲପୁର ଗସ୍ତକରି ଭିଏସ୍‌ଏସ୍ କ୍ରିକେଟ ଷ୍ଟାଡିୟମର ପରିଦର୍ଶନ କରିଥିଲେ । ଷ୍ଟାଡିୟମର ନୂଆ ରୂପରେଖ ସମ୍ପର୍କରେ ଖେଳାଳି ଓ ଅଫିସିଆଲଙ୍କ ସହ ଆଲୋଚନା କରିଥିଲେ ।

## ଜାତୀୟ ଜୁନିୟର ବାସ୍କେଟବଲ: ମହିଳାରେ ତାମିଲନାଡୁ, ପୁରୁଷରେ ୟୁପି ବିଜେତା

ଭୁବନେଶ୍ୱର, ୧୧।୨ (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୭୩ତମ ଜାତୀୟ ଜୁନିୟର ବାସ୍କେଟ ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ବାସ୍କେଟବଲ ଫେଡେରେସନ ଅଫ୍ ଇଣ୍ଡିଆନ, ଓଡିଶା ବାସ୍କେଟବଲ ଆସୋସିଏସନ ତଥା ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ମିଳିତଭାବେ ଆୟୋଜନକରାଯାଇଥିଲା । ଏହି ପ୍ରତିଯୋଗିତାରେ ୯ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

ମହିଳା ବର୍ଗରେ ତାମିଲନାଡୁ ଚାମ୍ପିଅନ ହୋଇଥିବା ବେଳେ ପଞ୍ଜାବ ରନସ୍‌ଅପ୍, ମହାରାଷ୍ଟ୍ର ୩ୟ ଓ କେରଳ ୪ର୍ଥ ସ୍ଥାନ ଅଧିକାର କରିଛି । ପୁରୁଷ ବର୍ଗରେ ଉତ୍ତରପ୍ରଦେଶ ଚାମ୍ପିଅନ ହୋଇଥିବା ବେଳେ ରାଜସ୍ଥାନ ରନର୍ସ ଅପ୍, ତାମିଲନାଡୁ ୩ୟ ଓ ଚଣ୍ଡିଗଡ ୪ର୍ଥ ସ୍ଥାନ ଅଧିକାର କରିଛି । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଏଫ୍ ଆଇ ସଭାପତି ଅଦ୍ଧବ ଅର୍ଜୁନ, ଓଡିଶା ଅଲମ୍ପିକ୍ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ବିଏଫ୍‌ଆଇ ସାଧାରଣ ସମ୍ପାଦକ କୁଲବିନ୍ଦର ସିଂ ଗିଲ୍, ବିଏଫ୍‌ଆଇ କୋଷାଧ୍ୟକ୍ଷ ଚେଙ୍ଗଲରାୟା ନାୟୁଡୁ ତଥା ରାଜ୍ୟ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## କୁଦିଆରୀ ସିବୁନା ମେମୋରିଆଲ କ୍ରିକେଟ ଉଦ୍‌ଯାପିତ

ଜଟଣୀ, ୧୧।୨ (ସବ୍ୟୁ): ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମ ଠାରେ ଆଜି ରବିବାର ସଂଧ୍ୟାରେ ସିବୁନା ମେମୋରିଆଲ ଟି ଟ୍ୱେଣ୍ଟୀ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ପ୍ରମୋଦ ସାହାଣୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳଙ୍କୁ ଟ୍ରଫି ଓ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଜଟଣୀ ନାଗରିକ କମିଟି ସଭାପତି ମନ୍ମଥ ରାଉତରାୟ , ସ୍ଥାନୀୟ କାଉନସିଲର ଅମ୍ରିତା ଦାସ ସୁନ୍ଦରାୟ, ପୂର୍ବତନ କାଉନସିଲର ଲୁସେନ୍ ରାୟ, ସମାଜ ସେବୀ ଜଗଦୀଶ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗିଦେଇଥିଲେ । ଆଜିର ଫାଇନାଲ ମ୍ୟାଚ୍ ଗଡ଼ ରଥିପୁର ଓ କୁଦିଆରି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, କୁଦିଆରୀ କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ କୋଡ଼ିଏ ଓଭର୍‌ରେ ୮ ୱିକେଟ ହରାଇ ୧୬୧ କରିଥିଲେ , ଦଳ ପକ୍ଷରୁ ପ୍ରଶାନ୍ତ ପଟନାୟକ ସର୍ବାଧିକ ୨୧ ବଲ୍‌ରୁ ୪୭ ରନ କରିଥିଲେ । ଦ୍ୱିତୀୟରେ ବ୍ୟାଟିଂ କରି ଗଡ଼ ରଥିପୁର ୧୯ ଓଭରରେ ୬ ୱିକେଟ ହରାଇ ୧୬୨ ରନ କରି ବିଜୟୀ ହୋଇଥିଲେ, ସୌରବ ଜଗଦେବ ୨୪ ବଲରୁ ୫୭ ରନ କରି ମ୍ୟାନ ଅଫ ମ୍ୟାଚ ବିବେଚିତ ହୋଇଥିଲେ, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ ସଂପାଦକୀୟ ପାଠ କରିଥିବା ବେଳେ ଏଲ ଡି ମହାନ୍ତି ସଭା ପରିଚାଳନା କରିଥିଲେ ।

## ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଚେସ୍
## ସୌମ୍ୟ ରଞ୍ଜନ ବିଜେତା

ଭୁବନେଶ୍ୱର, ୧୧।୨ (ସବ୍ୟୁ): ଭୁବନେଶ୍ୱର ଚେସ ଆସୋସିଏସନ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହିହ ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୪.୫ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ସେହିଭଳି ୨ରୁ ୧୪ତମ ସ୍ଥାନ ପର୍ଯ୍ୟନ୍ତ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଛି । ଏତଦଭିନ୍ନ ବିଭିନ୍ନ ବୟସ ବର୍ଗ ତଥା ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ବିଷ୍ଣୁଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କର ପ୍ରଦାନ କରିଥିଲେ ।

# ସୁଟ୍‌ଆଉଟରେ ନେଦରଲାଣ୍ଡସ ସଫା



ଭୁବନେଶ୍ୱର, ୧୧।୨ (ସବ୍ୟୁ): ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ହକି ଭୁବନେଶ୍ୱର ଲେଗ୍‌ର ୨ୟ ମ୍ୟାଚରେ ଭାରତୀୟ ଦଳ ଧମକାଦାର ବିଜୟ ହାସଲ କରିଛି । ଦିନକ ଆଗରୁ ସ୍ପେନକୁ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଥିବା ଭାରତ ୨ୟ ମ୍ୟାଚରେ ଶକ୍ତିଶାଳୀ ନେଦରଲାଣ୍ଡସକୁ ସୁଟଆଉଟରେ ସଫା କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚରେ ୨-୨ଗୋଲରେ ଡ୍ର ରହିଥିଲା । ତେଣୁ ସୁଟଆଉଟ ପର୍ଯ୍ୟାୟକୁ ମ୍ୟାଚ ଯାଇଥିଲା । ଏଥିରେ ଭାରତ ୪ଟି ଗୋଲ କରିଥିବା ବେଳେ ନେଦରଲାଣ୍ଡସ କେବଳ ୨ଟି ସଫଳ ହୋଇଥିଲା । ତେଣୁ ଭାରତ ୪-୨ ବ୍ୟବଧାନରେ ବିଜୟ ହାସଲ କରି ୨ମ୍ୟାଚରୁ ୬ପଏଣ୍ଟ ପାଇଛି ।

ମ୍ୟାଚ ଆରମ୍ଭରୁ ଭାରତ ଚାପରେ ଥିଲା । କାରଣ ଭାରତୀୟ ଖେଳାଳି ୧୩ତମ ମିନିଟରେ ପ୍ରଥମ ଗୋଲ କରିଥିଲେ । କିନ୍ତୁ ନେଦରଲାଣ୍ଡସ ଆଉ ୨ଟି ଗୋଲ ସହ ୨-୧ରେ ଆଗୁଆ ରହିଥିଲା । ମ୍ୟାଚର ୫୮ତମ ମିନିଟରେ ପେନାଲିଟି କର୍ଣ୍ଣର ହାସଲ କରିଥିବା ଭାରତ ଏହାକୁ ଗୋଲରେ ପରିଣତ କରି ନିଶ୍ଚିତ ପରାଜୟରୁ ବର୍ତ୍ତିଯାଇଥିଲା । ତେଣୁ ୨-୨ଗୋଲରେ ବରାବର ରହିଥିଲା । ଭାରତ ପକ୍ଷରୁ ହାର୍ଦ୍ଦିକ୍ ସିଂ ଓ ଅଧିନାୟକ ହରମନପ୍ରୀତ ସିଂ ଗୋଲ କରିଥିଲେ । ସେହିଭଳି ନେଦରଲାଣ୍ଡସନ ଜିପ ଜନସେନ୍ ଓ କୋଇନ ବିଜେନ ଗୋଲସ୍କୋର କରିଥିଲେ । ସୁଟଆଉଟ ପର୍ଯ୍ୟାୟରେ ଭାରତ ପାଇଁ ହରମନପ୍ରିତ, ସୁଖଜିତ୍, ଲଳିତ ଉପାଧ୍ୟାୟ ଓ ସମସେର ସିଂ ଗୋଲ କରିଥିବା ବେଳେ ନେଦରଲାଣ୍ଡସର ବ୍ରିଙ୍କମ୍ୟାନ ଥିଏରି ଓ କୋଇନ ବିଜେନ ଗୋଲ ଦେବାକୁ ସକ୍ଷମ ହୋଇଥିଲେ ।

### ସ୍ପେନକୁ ହରାଇଲା ଅଷ୍ଟ୍ରେଲିଆ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିର ଭୁବନେଶ୍ୱର ଲେଗରେ ରବିବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୪-୩ଗୋଲରେ ସ୍ପେନକୁ ଧରାଶାୟୀ କରିଛି । ଚଳିତ ପ୍ରୋ ଲିଗ୍ ଏହା ଅଷ୍ଟ୍ରେଲିଆର ପ୍ରଥମ ମ୍ୟାଚ ଓ ପ୍ରଥମ ବିଜୟ । ଦିନକ ଆଗରୁ ସ୍ପେନ ଦଳ ୪-୧ଗୋଲରେ ଭାରତ ନିକଟରୁ ହାରି ଅଭିଯାନ ଆରମ୍ଭ କରିଥିଲା । ପୁଣି ୨ୟ ମ୍ୟାଚରେ ଅଷ୍ଟ୍ରେଲିଆ ନିକଟରୁ ଦଳ ପରାଜିତ ହୋଇଛି । ଏ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପେନକୁ ଭାଗ୍ୟ ସହାୟ ହୋଇନାହିଁ ।

ତୀବ୍ର ସଂଘର୍ଷପୂର୍ଣ୍ଣ ଲଢେଇରେ ଅଷ୍ଟ୍ରେଲିଆ ଦଳ ଆରମ୍ଭରୁ ସ୍ପେନକୁ ଚାପରେ ରଖିଥିଲା । ମ୍ୟାଚର ୮ମ ମିନିଟରେ ଅଷ୍ଟ୍ରେଲିଆର ଲାଚଲାନ ଥୋମସ ସାର୍ପ ପେନାଲିଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ପରେପରେ ୧୯ତମ ମିନିଟରେ ଜାକବ ଥୋମାସ ଫିଲ୍ଡ ଗୋଲ କରି ବ୍ୟବଧାନକୁ ୨-୦ କରିଥିଲେ । ପୁଣି ୨୫ମିନିଟରେ ଅଷ୍ଟ୍ରେଲିଆର ତାରକା ଖେଳାଳି ବ୍ଲେକ ଗୋଭର୍ସ ଗୋଲ କରିବାରୁ ବ୍ୟବଧାନ ୩-୦ ହୋଇଥିଲା । ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ସ୍ପେନ ସଫଳ ପ୍ରତ୍ୟାବର୍ତ୍ତନ କରି ୨୯ତମ ମିନିଟରେ ଗୋଲ ପରିଶୋଧ କରିଥିଲା । ଦଳର ତାରକା ମିଡଫିଲ୍ଡର ମାର୍କ ମିରାଲେସ୍ ପୋରଟିଲୋ ଗୋଲସ୍କୋର କରିଥିଲେ । ତେଣୁ ଖେଳ ୩-୧ ବ୍ୟବଧାନ ସହ ଆଗେଇଥିଲା । ପୁଣି ୨ୟାର୍ଦ୍ଧ ଖେଳ ସ୍ପେନ ଆଉ ୨ଟି ଗୋଲ ଦେବାକୁ ସକ୍ଷମ ହୋଇଥିଲା । ୩୬ତମ ମିନିଟରେ ନିକୋଲାସ ଆଲଭାରେଜ ଓ ୩୭ତମ ମିନିଟରେ ପଲକାବ୍ରେ ଭେରଡିଲ ଗୋଲ କରିବାରୁ ମ୍ୟାଚ ୩-୩ ହୋଇଥିଲା । ୫୨ତମ ମିନିଟରେ ଅଷ୍ଟ୍ରେଲିଆର ଲାଚଲାନ୍ ଥୋମାସ ସାର୍ପ ବ୍ୟକ୍ତିଗତ ୨ଗୋଲ କରି ଅଷ୍ଟ୍ରେଲିଆ ୪-୩ ବ୍ୟବଧାନରେ ବିଜୟୀ କରିଥିଲେ ।

## ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍: ପପୁଲାର, ଫାଓ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୧୧।୨ (ସବ୍ୟୁ): ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ର ୭ମ ଦିନ ଅନୁଷ୍ଠିତ ୨ଟି ମ୍ୟାଚରେ ପପୁଲାର କ୍ଲବ୍ ଓ ଫାଓ ଏକାଡେମୀ ବିଜୟୀ ହୋଇଛନ୍ତି । ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚେର ଫାଓ ଏକାଡେମୀ ୭-୦ଗୋଲରେ ଭୁବନେଶ୍ୱର କିଶୋର କ୍ଲବ୍‌କୁ ଧରାଶାୟୀ କରିଥିଲା । ବିଜୟୀ ଦଳପକ୍ଷରୁ ମନୀଷା ଦାସ ୨, ୧୫ ଓ ୧୬ତମ ମିନିଟରେ ହ୍ୟାଟ୍ରିକ୍ ଗୋଲ କରିଥିଲେ । ସେହିଭଳି ବିଡାନାସୀ ଅନୁଷ୍ଠିତ ୨ୟ ମ୍ୟାଚରେ ପପୁଲାର କ୍ଲବ୍ ୩-୧ଗୋଲରେ କିଟ୍/କିସ୍‌କୁ ଧରାଶାୟୀ କରିଛି । ବିଡାନାସୀ ପକ୍ଷରୁ ପ୍ରୀତି ସାମଲ ୪ ଓ ୧୨ତମ ମିନିଟରେ ୨ଟି ଗୋଲ କରିଥିଲେ ।




### ରଣଜୀ ଟକ୍କର

## ମ୍ୟାଚ ବଞ୍ଚାଇବାକୁ ଓଡିଶାର ସଂଘର୍ଷ





ଭୁବନେଶ୍ୱର, ୧୧।୨ (ସବ୍ୟୁ): ରଣଜୀ ଟ୍ରଫି ଏଲିଟ ଗ୍ରୁପ୍-ଡି ର ଏକ ସଂଘର୍ଷପୂର୍ଣ୍ଣମ୍ୟାଚରେ ଘରୋଇ ଓଡିଶା ଦଳ ଉତ୍ତରାଖଣ୍ଡ ବିପକ୍ଷରେ ମ୍ୟାଚ ବଞ୍ଚେଇବାକୁ ସଂଘର୍ଷ ଜାରି ରଖିଛି । କଟକ ଡ୍ରିମ୍‌ସ୍ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚରେ ଉତ୍ତରାଖଣ୍ଡ ପ୍ରଥମ ପାଳିରେ ୩୪୨ ଓ ୨ୟ ପାଳିରେ ୨୦୩/୮ରନ୍ କରି ଓଡିଶା ସମ୍ମୁଖରେ ୩୭୭ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଓଡିଶା ଦଳ ପ୍ରଥମ ପାଳିରେ ୧୬୯ରନ କରି ଅଲଆଉଟ ହୋଇଥିବା ବେଳେ ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ପାଳି ବ୍ୟାଟିଂ ଆରମ୍ଭ କରି ୨ ୱିକେଟ ବିନିମୟରେ ୧୭ରନ୍ ସଂଗ୍ରହ କରିଛି । ଆଉ ଗୋଟିଏ ଦିନ ଖେଳ ବାକିଥିବା ବେଳେ ଓଡିଶା ବିଜୟ ଠାରୁ ୩୬୦ରନ୍ ପଛରେ ରହିଛି । ପ୍ରଥମ ପାଳି ଭଳି ଦ୍ୱିତୀୟରେ ମଧ୍ୟ ଓଡିଶା ବ୍ୟାଟର ଦଳକୁ ଭଲ ଆରମ୍ଭ ଦେଇପାରିନାହାନ୍ତି । ଷ୍ଟମ୍ପ ଅପସାରଣ ବେଳକୁ ସାନ୍ତନୁ ମିଶ୍ର ୪ ଓ ଆଶୀର୍ବାଦ ସ୍ୱାଇଁ ୩ରନ କରି ଆଉଟ ହୋଇଥିଲେ । ସନ୍ଦୀପ ପଟ୍ଟନାୟକ ୮ ଓ ଦେବବ୍ରତ ପ୍ରଧାନ ୧ରନ କରି ଅପରାଜିତ ଥିଲେ । ମ୍ୟାଚ ବଞ୍ଚାଇବା ପାଇଁ ସନ୍ଦିପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ସେନାପତି, ପ୍ରୟାସ ସିଂ ଓ ଗୋବିନ୍ଦ ପୋଦାରଙ୍କ ଜମାଣିଆ ପ୍ରଦର୍ଶନ ଉପରେ ନିର୍ଭର କରିବ ।

ମ୍ୟାଚର ୩ୟ ଦିନ ଓଡିଶା ପ୍ରଥମ ପାଳିର ଅସମାପ୍ତ ଖେଳ ୧୨୩/୬ରୁ ଆରମ୍ଭ କରିଥିଲା । କିନ୍ତୁ ପରବର୍ତ୍ତୀ ବ୍ୟାଟର ବେଶି ସମୟ ପଡିଆରେ ତିଷ୍ଠିପାରିନଥିଲେ । ଡ୍ରିମ୍ସରେ ସବୁଠୁ ସଫଳ ହୋଇଥିବା ସନ୍ଦିପ ପଟ୍ଟନାୟକ ମାତ୍ର ୨୦ରନ୍ କରି ଆଉଟ ହେବାରୁ ଓଡିଶାର ଇନିଂସ ଅଗ୍ରଣୀ ଆଶା ଶେଷ ହୋଇଥିଲା । ପୂର୍ବରୁ ସନ୍ଦୀପ ଡ୍ରିମ୍ସରେ ଜମ୍ମୁକାଶ୍ମୀର ଓ ହିମାଚଳପ୍ରଦେଶ ବିପକ୍ଷରେ ଶତକୀୟ ଇନିଂସ ଖେଳିଥିଲେ । ଏହି ୨ଟି ଯାକ ଶତକ ସେ ୨ୟ ପାଳିରେ ହିଁ ହାସଲ କରିଥିଲେ । ତେଣୁ ଡ୍ରିମ୍ସରେ ତାଙ୍କ ଠାରୁ ଦଳ ବଡ ଇନିଂସ ଆଶାକରିଥିଲା । ସେ ପ୍ରଥମ ପାଳିରେ ବିଫଳ ହୋଇଛନ୍ତି । ପରବର୍ତ୍ତୀ ବ୍ୟାଟର ରାଜେଶ ମହାନ୍ତି ୧୨, ସୁନିଲ ରାଉଳ ବିନା ସ୍କୋରରେ ଆଉଟ ହୋଇଥିବା ବେଳେ ୱିକେଟ ରକ୍ଷକ ଆଶୀର୍ବାଦ ସ୍ୱାଇଁ ୫୪ ଓ ଗୋବିନ୍ଦ ପୋଦାର ୩୨ରନ୍ କରିଥିଲେ । ତେଣୁ ଓଡିଶା ଦଳ ୩ୟ ଦିନ ପ୍ରଥମ ଅଧିବେଶନରେ ୫୬.୪ଓଭରରେ ୧୬୯ରନ୍ କରି ଅଲଆଉଟ ହୋଇଥିଲା । ଉତ୍ତରାଖଣ୍ଡର ଦିପକ ଧାପୋଲା ଓ ମୟଙ୍କ ମିଶ୍ରା ୩ଟି ଲେଖାଏ । ଅଭୟ ନେଗି ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ ।

ଓଡିଶା ଅଲଆଉଟ ହେବା ପରେ ୨ୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା ଉତ୍ତରାଖଣ୍ଡ । ମ୍ୟାଚକୁ ନିଜ ସପକ୍ଷକୁ ନେବା ପାଇଁ ଉତ୍ତରଖଣ୍ଡ ଦ୍ରୁତ ରନ୍ ସଂଗ୍ରହ କରିଥିଲା । କୁନାଲ ଚାଣ୍ଡେଲା ୩୮, ଅଧିନାୟକ ଜୀବନଜ୍ୟୋତ ସିଂ ୭୪, ଅଖିଲ ରାୱତ ୧୫, ଆଦିତ୍ୟ ତାରେ ୨୫, ମୟଙ୍କ ମିଶ୍ରା ୨୫ରନ କରିଥିଲେ । ୫୬ଓଭରରେ ୮ୱିକେଟ ହରାଇ ୨୦୩ ରନବେଳେ ଉତ୍ତରଖଣ୍ଡ ପାଳି ଶେଷ ଘୋଷଣା କରିଥିଲା । ତେଣୁ ଓଡିଶା ସମ୍ମୁଖରେ ୩୭୭ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଓଡିଶାର ଦ୍ରୁତ ବୋଲର ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏ ତଥା ହର୍ଷିତ ରାଠୋର ୨ ୱିକେଟ ସଫଳତା ପାଇଥିଲେ ।

ଓଡିଶା ଶେଷ ଅଧିବେଶନରେ ୨ୟ ପାଳି ବ୍ୟାଟିଂ ଆରମ୍ଭ କରି ୯ ଓଭରରେ ୨ୱିକେଟ ହରାଇ ୧୭ରନ୍ ସଂଗ୍ରହ କରିଛି । ୨ ଓପନର ଶନ୍ତନୁ ମିଶ୍ର (୪) ଓ ଆଶୀର୍ବାଦ ସ୍ୱାଇଁ (୩) ଶୀଘ୍ର ପାଭିଲିୟନ ଫେରିଛନ୍ତି । ସନ୍ଦୀପ ପଟ୍ଟନାୟକ ଓ ଦେବବ୍ରତ ପ୍ରଧାନ ସ୍ଥିତି ସମ୍ଭାଳିଥିଲେ । ଆଉ ଗୋଟିଏ ଦିନ ଖେଳ ବାକିଥିବାରୁ ଓଡିଶା ଦଳ ମ୍ୟାଚ ବଞ୍ଚାଇବା ପାଇଁ ସଂଘର୍ଷ କରିବେ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ବିବାଦରେ ପାକ୍ ନିର୍ବାଚନ ଫଳାଫଳ

## ପୁଣି ପଡ଼ିପାରେ ଭୋଟ୍

**କରାଚୀ:** ପାକିସ୍ତାନରେ ବାହାରି ପାରୁନି ନିର୍ବାଚନ ଫଳାଫଳ । ଚାରି ଦିନ ହେବ ଭୋଟିଂ ସରିଥିଲେ ମଧ୍ୟ ଏବେବି ସର୍ବ ସମ୍ମୁଖକୁ ଆସିପାରୁନି ରେଜଲ୍ଟ । ବ୍ୟାପକ ପ୍ରତିବାଦ ଏବଂ ଅଭିଯୋଗ ପରେ କେତେକ ବୁଥରେ ପୁନଃ ନିର୍ବାଚନ ନେଇ ନିର୍ଦ୍ଦେଶ ଦେଇଛନ୍ତି ପାକିସ୍ତାନ ଇଲେକ୍ସନ କମିଶନ । ଫେବୃଆରୀ ୧୫ରେ ପୁନଃ ମତଦାନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏବେ ମଧ୍ୟ ପାଖାପାଖି ୧୦ଟି ବୁଥରେ କାଉଣ୍ଟିଂ ଚାଲିଛି । ଏପର୍ଯ୍ୟନ୍ତର ଫଳାଫଳ ଅନୁସାରେ, ଜେଲରେ ଥିବା ଇମ୍ରାନ ଖାନଙ୍କ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୨ଟି ଆସନରେ ବିଜୟୀ ହୋଇସାରିଛନ୍ତି । ସେମାନଙ୍କୁ ସରକାର ଗଢିବାକୁ ହେଲେ ଆଉ ୮ଟି ଆସନ ଦରକାର । ଭୋଟ୍ ଗଣନାକୁ ନେଇ ବିଳମ୍ବ ଏବଂ କେତେକ ସ୍ଥାନରେ ହେରାଫେରିରେ ଅଭିଯୋଗ ଆସିଛି । ଏଥିପାଇଁ ପିଟିଆଇ ଏବଂ ଅନ୍ୟ ଦଳମାନଙ୍କ ସହ ଜୋରଦାର ବିରୋଧ ପ୍ରଦର୍ଶନ କରାଯାଉଛି । ଏପରି ପରିସ୍ଥିତିକୁ ଦେଖି ପୁନଃ ନିର୍ବାଚନ ନେଇ ଇଲେକ୍ସନ କମିଶନ ଘୋଷଣା କରିଛନ୍ତି । ୨୪ କୋଟି ଜନସଂଖ୍ୟା ବିଶିଷ୍ଟ ପାକିସ୍ତାନରେ ଫେବ୍ରୁଆରୀ ୮ରେ ଭୋଟିଂ ହୋଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜେଲରେ ଥିବାବେଳେ ତାଙ୍କ ଦଳକୁ ଅବୈଧ ଘୋଷଣା କରିଥିଲେ ନିର୍ବାଚନ କମିଶନ । ଫଳରେ ଇମ୍ରାନଙ୍କ ସମର୍ଥିତ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିଲେ । ତେଣୁ ପାକିସ୍ତାନ ମୁସଲିମ ଲିଗ୍ ନୱାଜର ନୱାଜ ଶରିଫ ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟିର ବେଞ୍ଜିର ଭୁଟ୍ଟୋଙ୍କ ମଧ୍ୟରେ ଲଢେଇ ହେବ ବୋଲି ଅନୁମାନ କରାଯାଉଥିଲା ।

କିନ୍ତୁ ପିଟିଆଇର ସ୍ୱାଧୀନ ପ୍ରାର୍ଥୀମାନେ ସବୁ କଳ୍ପନା ଜଳ୍ପନାକୁ ଭୁଲ୍ ପ୍ରମାଣିତ କରି ଆଗରେ ରହିଛନ୍ତି । ଜେଲରେ ଥିବା ଇମ୍ରାନ ଖାନଙ୍କ ସମର୍ଥିତ ପ୍ରାର୍ଥୀ ଆଗରେ ଥିବାରୁ ନୱାଜ ଶରିଫ ଏବଂ ବେଞ୍ଜିର ଭୁଟ୍ଟ ମେଣ୍ଟ କରିବା ନେଇ ହାତ ମିଳାଇଥିବା ଗଣମାଧ୍ୟମ ରିପୋର୍ଟରୁ ପ୍ରକାଶ ପାଇଛି । ସେପଟେ ଇମ୍ରାନ ଖାନଙ୍କ ସ୍ୱାଧୀନ ପ୍ରାର୍ଥୀମାନେ ସରକାର ଗଢିବା ନେଇ ଦାବି କରିଛନ୍ତି ଏବଂ ଖୁବଶୀଘ୍ର ରାଷ୍ଟ୍ରପତି ତାଙ୍କୁ ସରକାର ଗଢିବା ନେଇ ଅନୁମତି ଦେବେ ବୋଲି କହିଛନ୍ତି । ତେବେ ପାକିସ୍ତାନର ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଆଉ କେତେ ଦିନ ଲାଗୁଛି, ଦେଖିବକୁ ବାକିରହିଲା ।



## ଉତ୍ତରାଖଣ୍ଡ ହିଂସା ଘଟଣା

# ଦିଲ୍ଲୀରୁ ମାଷ୍ଟରମାଇଣ୍ଡ ଗିରଫ

**ଡେରାଡୁନ:** ଉତ୍ତରାଖଣ୍ଡର ହଲଦ୍ୱାନୀ ହିଂସା ଘଟଣାର ମାଷ୍ଟରମାଇଣ୍ଡ ଅବଦୁଲ ମଲିକ ଗିରଫ ହୋଇଛି । ଦିଲ୍ଲୀ ଏବଂ ଉତ୍ତରାଖଣ୍ଡ ପୁଲିସର ମିଳିତ ଟିମ୍ ଅବଦୁଲକୁ ଦିଲ୍ଲୀରୁ ଗିରଫ କରିଛି । ପୁଲିସ ଏହି ଘଟଣାରେ ପାଞ୍ଚ ଜଣଙ୍କୁ ଗିରଫ କରିବା ସହ ଏପର୍ଯ୍ୟନ୍ତ ୬୦ରୁ ଅଧିକ ଲୋକଙ୍କୁ ହେପାଜତକୁ ନେଇଛି । ଏଥିସହ ୫,୦୦୦ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



ସୂଚନା ଅନୁସାରେ, ଏକ ବେଆଇନ ମଦ୍ରାସା ଉଚ୍ଛେଦକୁ ନେଇ ଉତ୍ତରାଖଣ୍ଡର ହଲଦ୍ୱାନୀରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଊର୍ଦ୍ଧ୍ୱ ଲୋକେ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ମ୍ୟୁନିସିପାଲିଟି କର୍ମଚାରୀ, ପୁଲିସ ଏବଂ ସାମ୍ବାଦିକଙ୍କ ଉପରକୁ ପଥର ମାଡ଼ କରିଥିଲେ । ଏପରିକି ପୁଲିସ ଗାଡିରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ । ଏଥିରେ ୧୦୦ ରୁ ଅଧିକ ପୁଲିସ କର୍ମୀ ଆହତ ହୋଇଛନ୍ତି । ଯେଉଁ ଅଞ୍ଚଳରେ ମଦ୍ରାସା ଉଚ୍ଛେଦ ହେଉଥିଲା ତାହା ମାଷ୍ଟରମାଇଣ୍ଡ ଅବଦୁଲର ବାଡ଼ି ନିକଟରେ ଥିବା କୁହାଯାଉଛି । ଏହା ବେଆଇନ ଭାବେ ନିର୍ମାଣ ହୋଇଥିବାରୁ ଉଚ୍ଛେଦ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ପ୍ରଶାସନିକ ଟିମ୍ ଓ ପୁଲିସ ଜେସିବି ମାଧ୍ୟମରେ ମଦ୍ରାସା ଉଚ୍ଛେଦ କରିବା ସମୟରେ କିଛି ଦୁର୍ବୃତ୍ତ ଆସି ସେମାନଙ୍କ ଉପରକୁ ପଥର ମାଡ଼ କରିଥିଲେ । ଏହାପରେ ସେଠାରେ ଥିବା ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇ ଦେଇଥିଲେ । ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏବେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଛି । ଧାରା ୧୪୪ ଲଗାଯିବା ସହ ସ୍କୁଲ୍-କଲେଜ ମଧ୍ୟ ଛୁଟି ରହିଛି ।

# ଦିଲ୍ଲୀ ଲୋକସଭା ନିର୍ବାଚନ: ଏକା ଲଢ଼ିବ ଆପ୍

**ନୂଆଦିଲ୍ଲୀ:** ପଞ୍ଜାବ ପରେ ଦିଲ୍ଲୀରେ ମଧ୍ୟ ଇଣ୍ଡିଆ ମେଣ୍ଟକୁ ଲାଗିଛି ଝଟକା । ଦିଲ୍ଲୀରେ ଏକା ଲଢ଼ିବ ଆମ୍ ଆଦମୀ ପାର୍ଟି । ଆଜି ଏଭଳି କିଛି ସଂକେତ ଦେଇଛନ୍ତି ଆପ୍ ସୁପ୍ରିମୋ ଅରବିନ୍ଦ କେଜରିୱାଲ । ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ବଡ଼ ସହଯୋଗୀ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ମିଳିତ ଭାବେ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଥିଲା । ତେବେ ଏହାରି ଭିତରେ ପଞ୍ଜାବର ଏକ ରାଲିରେ ଯୋଗ ଦେଇ ଏଭଳି କିଛି ବଡ଼ ବୟାନ ଦେଇଛନ୍ତି ଆପ୍ ଅଧ୍ୟକ୍ଷ କେଜରିୱାଲ । ପଞ୍ଜାବର ତରନ୍ତାରାରେ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି କେଜରିୱାଲ କହିଛନ୍ତି, ଉଭୟ ପଞ୍ଜାବ ଓ ଦିଲ୍ଲୀରେ ଆମ୍ ଆଦମୀ ସରକାରକୁ କାମ



କରିବାରେ ବାଧା ଦିଆଯାଉଛି । ହେଲେ ଆଗାମୀ ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ ସମସ୍ତ ୭ ଟି ଆସନରେ ଆମକୁ ବିଜୟୀ କରାଇବେ ମନସ୍ଥ କରିଛନ୍ତି । ସମସ୍ତ ଆସନ ଆପ୍ ହାତକୁ ଆସିବା ପରେ ୧୦୦ ବଦଳରେ ୫୦୦ ସ୍ପିଡରେ କାମ ହେବ । କେଜରିୱାଲଙ୍କ ଏହି ଘୋଷଣା ପରେ ବିରୋଧୀ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟକା ଲାଗିଛି । ଇଣ୍ଡିଆ ମେଣ୍ଟର ମୁଖ୍ୟଦଳ କଂଗ୍ରେସ ହୋଇଥିବା ବେଳେ ବଡ ସହଯୋଗୀ ଦଳ ହେଉଛି ଆମ୍ ଆଦମୀ ପାର୍ଟି । ହେଲେ ମେଣ୍ଟର ଆସନ ବୁଝାମଣାକୁ ନେଇ ଏପର୍ଯ୍ୟନ୍ତ ସସ୍ପେନ୍ସ ଜାରି ରହିଛି । ପ୍ରଥମେ ପଞ୍ଜାବରେ ଆପ୍ ଏକାକୀ ଲଢିବ ବୋଲି ସ୍ପଷ୍ଟ କରିଥିଲା । ଏହାପରେ ଏବେ ଦ୍ୱିତୀୟ ରାଜ୍ୟ ଭାବେ ଦିଲ୍ଲୀରେ ଆପ୍ ଏକାକୀ ଲଢିବ ବୋଲି କେଜରିୱାଲ ଇସାରା ଦେଇଛନ୍ତି ।

ଏହାପୂର୍ବରୁ ବିହାରରେ ଜେଡିୟୁ ନେତା ନୀତୀଶ କୁମାର ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ମଧ୍ୟ ବିରୋଧୀ ଦଳରୁ ଅଲଗା ହୋଇ ଆଗାମୀ ଲୋକସଭା ନିର୍ବାଚନରେ 'ଏକଲା ଚଲୋ' ନାରା ଦେଇଥିଲେ ।

# ଟିଏମ୍‌ସିର ରାଜ୍ୟସଭା ପ୍ରାର୍ଥୀ ଘୋଷଣା

**କୋଲକାତା:** ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ତୃଣମୂଳ କଂଗ୍ରେସ (ଟିଏମସି) ୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଦଳ ସାମ୍ବାଦିକା ସାଗରିକା ଘୋଷ ଏବଂ ନାଦିମୁଲ ହକଙ୍କୁ ରାଜ୍ୟସଭାକୁ ପଠାଇବ । ଏଥିସହ ସୁସ୍ମିତା ଦେବଙ୍କୁ ପୁଣି ସୁଯୋଗ ଦିଆଯାଇଛି । ଏହା ବ୍ୟତୀତ ଟିଏମସି ମତୁଆ ସମ୍ପ୍ରଦାୟର ମମତା ବାଲା ଠାକୁରଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛି । ପଶ୍ଚିମବଙ୍ଗର ପାଞ୍ଚଟି ସିଟ୍ ଏପ୍ରିଲରେ ରାଜ୍ୟସଭାରେ ଖାଲି ହେବାକୁ ଯାଉଛି । ପଞ୍ଚମ ପ୍ରାର୍ଥୀ ଭାରତୀୟ ଜନତା ପାର୍ଟି (ବିଜେପି) ରୁ ଆସିବେ ତେବେ ବିଜେପି ଏପର୍ଯ୍ୟନ୍ତ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ । ଟିଏମସି ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବା ପରେ ପଶ୍ଚିମବଙ୍ଗରୁ କଂଗ୍ରେସ ରାଜ୍ୟସଭା ସାଂସଦ ଅଭିଷେକ ମନୁ ସିଂଭିଙ୍କୁ ନେଇ ଚାଲିଥିବା କଳ୍ପନାଜଳ୍ପନା ସମାପ୍ତ ହୋଇଛି । ତେବେ ଅଭିଷେକ ବର୍ତ୍ତମାନ ରାଜସ୍ଥାନରୁ ନାମାଙ୍କନ ପାଇବା ସମ୍ଭାବନା ରହିଛି । ସୂଚନା ଥାଉ କି ଯେ ଚଳିତ ବର୍ଷ ରାଜ୍ୟସଭାର ୬୮ ଜଣ ସଦସ୍ୟ ଅବସର ନେବାକୁ ଯାଉଛନ୍ତି । ଏଥିମଧ୍ୟରୁ ୩ ସାଂସଦଙ୍କ କାର୍ଯ୍ୟକାଳ ଜାନୁଆରୀ ୨୭ରେ ଶେଷ ହୋଇଥିବାବେଳେ ଆଉ ୬୫ ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟ ୨୩ ଫେବୃଆରୀରେ ଅବସର ନେବେ, ୫୫ ଜଣ ସଦସ୍ୟ ୨ ରୁ ୩ ଏପ୍ରିଲରେ ଅବସର ନେବେ ଏବଂ ୨ ଜଣ ସଦସ୍ୟ ମେ ମାସରେ ଅବସର ନେବେ । ଏହା ବ୍ୟତୀତ ୭ ଜଣ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ୧ ରୁ ୧୩ ଜୁଲାଇ ମଧ୍ୟରେ ଶେଷ ହେବ ।

# ଆଜି ନୀତିଶଙ୍କ ଶକ୍ତି ପରୀକ୍ଷା

ନୂଆଦିଲ୍ଲୀ: ଆସନ୍ତାକାଲି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ଭୋଟ ଲୋଡିବେ । ଏନ୍‌ଡିଏରେ ସାମିଲ ହେଲା ପରେ ସେ ବିହାରର ମୁଖ୍ୟମନ୍ତ୍ରୀ ଭାବେ ନବମଥର ଲାଗି ଶପଥ ନେଇଛନ୍ତି । ସେ ବିରୋଧୀ ମେଣ୍ଟ ଇଣ୍ଡିଆ ଛାଡି ପୁନର୍ବାର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏରେ ସାମିଲ ହୋଇଥିଲେ । ଆସନ୍ତାକାଲି ତାଙ୍କ ନେତୃତ୍ୱାଧୀନ ବିହାର ସରକାରଙ୍କର ଆସ୍ଥା ଭୋଟ ନିଆଯିବ ।



ସର୍ବଦା ଏପଟସେପଟ ହେଉଥିବା ନୀତିଶ ଏବେ ପୁଣି ଏନ୍‌ଡିଏରେ ଯୋଗ ଦେଇଛନ୍ତି ଏବଂ ଏଥିରେ ସ୍ଥାୟୀ ଭାବେ ରହିବେ ବୋଲି କହିଛନ୍ତି । ବିହାର ବିଧାନସଭା ବାଚସ୍ପତି ନବଗଠିତ ଏନ୍‌ଡିଏ ସରକାର ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିଥିଲେ ମଧ୍ୟ ସେ ଇସ୍ତଫା ଦେଇନାହାନ୍ତି । ଆସନ୍ତା ୧୨ ତାରିଖରୁ ବଜେଟ୍ ଅଧିବେଶନ ଆରମ୍ଭ ହେଉଛି । ଅପରପକ୍ଷରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆର୍‌ଜେଡି ଓ ମହାଗଠବନ୍ଧନର ବିଧାୟକମାନେ ଶନିବାର ଏକାଠି ହୋଇଛନ୍ତି । ଆସ୍ଥା ଭୋଟ ପୂର୍ବରୁ ବିହାର ରାଜନୀତି ବେଶ୍ ସରଗରମ ହୋଇଛି । ବିଜେପି ବିଧାୟକମାନେ ବୋଧଗୟାରେ ଥିବା ଦୁଇଦିନିଆ କର୍ମଶାଳାରେ ଯୋଗ ଦେଇଛନ୍ତି । ସେହିପରି ବରିଷ୍ଠ ଜେଡିୟୁ ନେତା ବିଜୟ କୁମାର ଚୌଧୁରୀ କହିଛନ୍ତି ଯେ, ନବଗଠିତ ଏନ୍‌ଡିଏ ସରକାର ଆସ୍ଥା ଭୋଟ ଜିତିବ । ଆସ୍ଥା ଭୋଟ ହେଉଛି ଏକ ସଂଖ୍ୟାର ଖେଳ । ଆମ ପାଖରେ ସଠିକ୍ ସଂଖ୍ୟା ରହିଛି । ଯେଉଁମାନେ ଖେଳ ହେବ ବୋଲି କହୁଛନ୍ତି ସେମାନେ ବିଭ୍ରାନ୍ତ କରୁଛନ୍ତି ।

# ଦୋଷୀକୁ ରାଜକ୍ଷମା ଦେଇ ଫସିଲେ ହଙ୍ଗେରୀ ରାଷ୍ଟ୍ରପତି

**ବୁଦାପେଷ୍ଟ:** ହଙ୍ଗେରୀର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ପଦ ଅଳଙ୍କୃତ କରିଥିବା କାଟାଲିନ ନୋଭାକ ଇସ୍ତଫା ଦେଇଛନ୍ତି । ଗତକାଲି ସେ ତାଙ୍କ ପଦରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି । ଶିଶୁ ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ଦଣ୍ଡାଦେଶକୁ ରାଜକ୍ଷମା ଦେଇଥିଲେ ରାଷ୍ଟ୍ରପତି ନୋଭାକ । ତାଙ୍କର ଏହି ନିଷ୍ପତ୍ତି ପରେ ସମଗ୍ର ଦେଶରେ ତାଙ୍କୁ ବିରୋଧ କରାଯାଇଥିଲା । ଏହାପରେ ସେ ଇସ୍ତଫା ଘୋଷଣା କରିଛନ୍ତି । ଏନେଇ ସେ ଏକ ଭିଡିଓ ଜାରି କରି କହିଛନ୍ତି, 'ମୁଁ ଏକ ଭୁଲ କରିଛି । ଏହି କାରଣରୁ ମୁଁ ମୋର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି । ମୋର ନିଷ୍ପତ୍ତି କାରଣରୁ ଆଘାତ ପାଇଥିବା ପ୍ରତିଟି ବ୍ୟକ୍ତିଙ୍କୁ ମୁଁ କ୍ଷମା ମାଗୁଛି । ମୁଁ ସର୍ବଦା ଶିଶୁ ଏବଂ ପରିବାରର ସୁରକ୍ଷା ସପକ୍ଷରେ ଅଛି ଏବଂ ରହିବି । ସୂଚନା ଅନୁସାରେ, ଏକ



ସରକାରୀ ଶିଶୁ ଗୃହର ପୂର୍ବତନ ଡେପୁଟି ଡାଇରେକ୍ଟରଙ୍କ ଦଣ୍ଡକୁ ରାଜକ୍ଷମା ଦେଇଥିଲେ କାଟାଲିନ । ପୂର୍ବତନ ଡେପୁଟି ଡାଇରେକ୍ଟର ତାଙ୍କ ମାଲିକ ପିଲାମାନଙ୍କୁ ଦେଇଥିବା ଯୌନ ନିର୍ଯାତନା ଘଟଣାର ପ୍ରମାଣ ଲୁଚାଇଥିବା ଅଭିଯୋଗ ହୋଇଥିଲା । ଏହା ବ୍ୟତୀତ ସେ ଅଭିଯୋଗ ପ୍ରତ୍ୟାହାର ପାଇଁ ପୀଡିତାଙ୍କ ଉପରେ ଚାପ ମଧ୍ୟ ପକାଇଥିଲେ । ଏହି ଅପରାଧରେ ଡେପୁଟି ଡାଇରେକ୍ଟରଙ୍କୁ ୩ ବର୍ଷରୁ ଅଧିକ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହାପରେ ସେ ରାଜକ୍ଷମା ପାଇଁ ଆବେଦନ କରିଥିଲେ । ଆଉ ରାଷ୍ଟ୍ରପତି ଥିବା କାଟାଲିନ ମଧ୍ୟ ତାଙ୍କୁ ରାଜକ୍ଷମା ଦେଇ ଦେଇଥିଲେ, ଯାହାକୁ ନେଇ ବିରୋଧୀ ଦଳଠୁ ଜନ ସାଧାରଣ କ୍ୟାଟଲିନଙ୍କ ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ । ଶେଷରେ ତାଙ୍କୁ ରାଷ୍ଟ୍ରପ୍ରତି ପଦରୁ ଇସ୍ତଫା ଦେବାକୁ ପଡିଛି । ୨୦୨୨ରେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ କ୍ୟାଟଲିନ । ସେ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଏହି ପଦ ଅଳଙ୍କୃତ କରିଥିଲେ ।

# କୃଷକଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା: ହରିୟାଣା ସୀମା ସିଲ୍

**ଚଣ୍ଡୀଗଡ଼:** ବିଭିନ୍ନ ଦାବି ନେଇ ଫେବୃଆରି ୧୩ରେ କୃଷକମାନଙ୍କ ପ୍ରସ୍ତାବିତ 'ଦିଲ୍ଲୀ ଚଲୋ' ପଦଯାତ୍ରାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନେତୃତ୍ୱାଧୀନ ହରିୟାଣା ସରକାର ଅନେକ ଜିଲ୍ଲାରେ ମୋବାଇଲ ଇଣ୍ଟରନେଟ୍, ବଲ୍କ ଏସ୍‌ଏମ୍‌ଏସ୍ ଏବଂ ସମସ୍ତ ଡଙ୍ଗଲ୍ ସେବାକୁ ଫେବ୍ରୁଆରି ୧୩ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି । ହରିୟାଣାର ସୀମାକୁ ମଧ୍ୟ ସିଲ୍ କରିଦିଆଯାଇଛି । ହରିୟାଣା ପ୍ରଶାସନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଭଏସ୍ କଲ୍ ବ୍ୟତୀତ ମୋବାଇଲ୍ ନେଟ୍‌ୱାର୍କରେ ଦିଆଯାଉଥିବା ବଲ୍କ ଏସ୍‌ଏମ୍‌ଏସ୍ ଏବଂ ସମସ୍ତ ଡଙ୍ଗଲ୍ ସେବା ବନ୍ଦ ରହିବ । ଫେବ୍ରୁଆରି ୧୧ ସକାଳ ୬ଟାରୁ ୧୩ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ । ସେପଟେ କୃଷକଙ୍କ 'ଦିଲ୍ଲୀ ଚଲୋ' ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ପଞ୍ଜାବ ଓ ହରିୟାଣା ମଧ୍ୟରେ ଅମ୍ବାଲା, ଜିନ୍ଦ ଓ ଫତେହାବାଦ ଜିଲ୍ଲାର ସୀମାକୁ ବ୍ୟାରିକେଡ୍ ଦ୍ୱାରା ସୁରକ୍ଷିତ ରଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସଂଯୁକ୍ତ କୃଷକ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ସମେତ ୨୦୦ରୁ ଅଧିକ କୃଷକ ସଂଗଠନ ଫେବ୍ରୁଆରି ୧୩ରେ 'ଦିଲ୍ଲୀ ଚଲୋ' ପଦଯାତ୍ରା କରିବାକୁ ଘୋଷଣା କରିଛନ୍ତି ।

# ଓଡ଼ିଆ ଭାଷାରେ ହେବ ସିଏପି ପରୀକ୍ଷା



**ନୂଆଦିଲ୍ଲୀ:** କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ବା ସେଣ୍ଟ୍ରାଲ ଆର୍ମଡ୍ ପୁଲିସ ଫୋର୍ସରେ କନଷ୍ଟେବଲ ଭର୍ତ୍ତି ପାଇଁ ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ହେବ ପରୀକ୍ଷା । ହିନ୍ଦୀ ଓ ଇଂରାଜୀ ସମେତ ୧୩ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ଦେଇପାରିବେ ଆଶାୟୀ । ଏଥିପାଇଁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ନିଜ ମାତୃଭାଷା ତଥା ଆଞ୍ଚଳିକ ଭାଷାରେ ପରୀକ୍ଷା ଦେଇ ସେମାନଙ୍କର ପ୍ରଦର୍ଶନରେ ଉନ୍ନତି ଆଣିପାରିବେ । କନଷ୍ଟେବଲ ପରୀକ୍ଷା ପାଇଁ ପ୍ରଶ୍ନ ପତ୍ର ଓଡିଆ, ହିନ୍ଦୀ, ଇଂରାଜୀ, ଆସାମୀ, ବେଙ୍ଗଲି, ଗୁଜୁରାଟୀ, ମରାଠୀ, ମାଲାୟଲମ, କନ୍ନଡ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ, କୋଙ୍କଣୀ ଭାଷାରେ ପ୍ରସ୍ତୁତ କରାଯିବ । ଆସନ୍ତା ୨୦ରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ । ଏଥିପାଇଁ ଦେଶର ୧୨୮ଟି ସହରରେ ପରୀକ୍ଷା କେନ୍ଦ୍ର କରାଯାଇଛି । ପ୍ରାୟ ୪୮ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଆସାମ ରାଇଫଲସ, ସୀମା ସୁରକ୍ଷା ବଳ, ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ, ଇଣ୍ଡୋ ତିବ୍ବତିଆନ୍ ବର୍ଡର ପୁଲିସ, ନ୍ୟାସନାଲ ସିକ୍ୟୁରିଟି ଗାର୍ଡ ଓ ସଶସ୍ତ୍ର ସୀମା ବଳରେ ନିଯୁକ୍ତି ପାଇଁ ଗୃହ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଚାକିରି ପ୍ରଲୋଭନ ଦେଖାଇ ୨୦ ମହିଳାଙ୍କୁ ଗଣଦୁଷ୍କର୍ମ

**ଜୟପୁର:** ଅଙ୍ଗନବାଡିରେ ଚାକିରି ଦେବା ନାଁରେ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ପାଖାପାଖି ୨୦ ଜଣ ମହିଳା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । କେବଳ ସେତିକି ନୁହେଁ ଗଣଦୁଷ୍କର୍ମ କରି ଅଶ୍ଳୀଳ ଭିଡିଓ ସୁଟ୍ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ରାଜସ୍ଥାନର ସିରୋହି ଅଞ୍ଚଳରେ ଘଟିଛି ଏଭଳି କିଛି ଲଜ୍ଜାଜନକ ଘଟଣା । ରାଜସ୍ଥାନର ସିରୋହି ମ୍ୟୁନିସିପାଲିଟି ପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ମେୱାଡ ଏବଂ ତତ୍କାଳୀନ କମିଶନର ମହେନ୍ଦ୍ର ଚୌଧୁରୀଙ୍କ ବିରୋଧରେ ଗଣଦୁଷ୍କର୍ମ ମାମଲା ରୁଜୁ ହୋଇଛି । ରାଜସ୍ଥାନ ପାଲି ଜିଲ୍ଲାର ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ସିରୋହି ପୁଲିସ ଏକ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ସେପଟେ ଏହି ଘଟଣାରେ ରାଜସ୍ଥାନର ବିଭିନ୍ନ ଥାନରେ ୮ଟି ମାମଲା ରୁଜୁ ହୋଇଛି । ମହିଳାଙ୍କ ଅଭିଯୋଗ ମୁତାବକ, ଅଙ୍ଗନବାଡିରେ ଚାକିରି ଦେବା ନାଁରେ ମ୍ୟୁନିସିପାଲିଟି ପରିଷଦ ଅଧ୍ୟକ୍ଷ ଓ କମିଶନର ମିଶି ତାଙ୍କୁ ଏବଂ ଅନ୍ୟ ୧୫ରୁ ୨୦ଜଣ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଡାକିଥିଲେ । ଏହାପରେ ଗଣଦୁଷ୍କର୍ମ କରାଯାଇଥିଲା । କେବଳ ସେତିକି ନୁହେଁ ଏହି



ଘଟଣାର ଭିଡିଓ ପ୍ରସ୍ତୁତ କରି ମହିଳାଙ୍କୁ ବ୍ଲାକମେଲ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ପୀଡିତାଙ୍କ କହିବା ମୁତାବକ, ଦୁଇ-ତିନି ମାସ ପୂର୍ବେ ଅଙ୍ଗନବାଡିରେ କାମ କରିବା ପାଇଁ ସେ ନିଜ ସାଥୀ ମହିଳାଙ୍କ ସହ ସିରୋହି ଯାଇଥିଲେ । ଏହି ସମୟରେ ମ୍ୟୁନିସପାଲିଟି ଅଧ୍ୟକ୍ଷ ଓ କମିଶନରଙ୍କ ସହ ଦେଖାସାକ୍ଷାତ ହୋଇଥିଲା । ଏହାପରେ ସେମାନେ ଉଭୟ ସମସ୍ତ ମହିଳାଙ୍କୁ ତାଙ୍କର ଏକ ଚିହ୍ନା ପରିଚିତ ଘରେ ରହିବା ପାଇଁ ଓ ଖାଇବା ପିଇବାର ବ୍ୟବସ୍ଥା କରିଥିଲେ । ଏହି ସମୟରେ ମହିଳାଙ୍କୁ ସେଠାରେ ଖାଦ୍ୟରେ ନିଶା ମିଶାଇ ଦିଆଯାଇଥିଲା । ଏହା ପରେ ଅଧ୍ୟକ୍ଷ ଏବଂ କମିଶନର ସେମାନଙ୍କ ସହଯୋଗୀମାନଙ୍କ ସହ ମହିଳାମାନଙ୍କୁ ଦୁଷ୍କର୍ମ କରିଥିଲେ । ମହିଳାଙ୍କ ଚେତା ଫେରିବା ପରେ ଅଧ୍ୟକ୍ଷ ଓ କମିଶନରଙ୍କୁ ପୁରାଯାଇଥିଲା । ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା । ଏବେ ଅଭିଯୁକ୍ତମାନେ ପୂରା ଘଟଣାର ଭିଡିଓ ଭାଇରାଲ କରିବାକୁ ଧମକ ଦେଇ ବ୍ଲାକମେଲ କରୁଛନ୍ତି । ମହିଳାଙ୍କୁ ପାଞ୍ଚ ଲକ୍ଷ ଲେଖାଏଁ ମାଗୁଛନ୍ତି । ଏଥି ସହିତ, ସେମାନେ ଅନ୍ୟ ଲୋକଙ୍କ ସହ ମଧ୍ୟ ଅନୈତିକ ସମ୍ପର୍କ ରଖିବାକୁ ଚାପ ପକାଉଛନ୍ତି । ଏହି ଅଭିଯୁକ୍ତମାନେ ଚାକିରି ଦେବା ବାହାନାରେ ମହିଳାଙ୍କଠାରୁ ଖାଲି କାଗଜ ଏବଂ ଷ୍ଟାମ୍ପ ମଧ୍ୟ ନେଇଥିବା ପୀଡିତା ଅଭିଯୋଗ କରିଛନ୍ତି । ସେପଟେ ଏହି ମାମଲାର ତଦନ୍ତ କରୁଥିବା ଡିୱାଇଏସ୍ପି ପାରସ ଚୌଧୁରୀ କହିଛନ୍ତି, ପୂର୍ବରୁ ମଧ୍ୟ ଏହି ମହିଳାମାନେ ସିରୋହି ମହିଳା ଥାନାରେ ଅଭିଯୋଗ କରିଥିଲେ । ପରେ ଏହା ମିଥ୍ୟା ପ୍ରମାଣିତ ହୋଇଥିଲା । ଯୋଧପୁରର ରାଜସ୍ଥାନ ହାଇକୋର୍ଟରେ ୮ଜଣ ମହିଳାଙ୍କ ନାମରେ ଏକ ରିଟ୍ ଦାଖଲ କରାଯାଇଥିଲା, ଯାହା ଉପରେ ଏବେ ଏକ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଅନ୍ୟପଟେ ସିରୋହି ମ୍ୟୁନିସିପାଲଟିର ଚ୍ୟାୟରମେନ୍ ମହେନ୍ଦ୍ର ମେୱାଡ କହିଛନ୍ତି, ମୋ ବିରୋଧରେ ଷଡଯନ୍ତ୍ର ରଚାଯାଇଛି । ଏ ସମସ୍ତ ଅଭିଯୋଗ ମିଥ୍ୟା ଅଟେ । ତଦନ୍ତ ପରେ ସତ ସାମ୍ନାକୁ ଆସିଯିବ ।

सत्यमेव जयते
Goverment Of India

# ‘ବିକଶିତ ଭାରତ’ର ସଂକଳ୍ପକୁ ସୁଦୃଢ଼ କରୁଥିବା ସଶକ୍ତ ଯୁବଶକ୍ତି



## ଯୁବକଙ୍କୁ ସରକାରୀ ଚାକିରି ଦେବା ପାଇଁ
## ରୋଜଗାର ମେଳା

**ଦେଶବ୍ୟାପୀ ସରକାରୀ ଚାକିରି ପାଇଁ ଯୋଗ୍ୟ ବିବେଚିତ ୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ**

ପ୍ରଧାନମନ୍ତ୍ରୀ
**ନରେନ୍ଦ୍ର ମୋଦିଙ୍କ**
ଦ୍ୱାରା

**୧୨ ଫେବୃଆରୀ ୨୦୨୪, ପୂର୍ବାହ୍ନ ୧୦.୩୦**
(ଭିଡିଓ କନଫରେନ୍ସିଂ ଜରିଆରେ)

CBC19101/13/0020/2324

- ଭାରତ ସରକାର ସହଯୋଗୀ ରାଜ୍ୟ ସରକାରଙ୍କ ସହାୟତାରେ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରୁଛନ୍ତି
- ମହିଳା, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଆକାଂକ୍ଷିତ ଜିଲ୍ଲାର ପ୍ରାର୍ଥୀମାନଙ୍କୁ ସ୍ୱତନ୍ତ୍ର ଲାଭ
- ସରଳ, ନିରପେକ୍ଷ ଏବଂ ସ୍ୱଚ୍ଛ ଚୟନ ପ୍ରକ୍ରିୟା
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳବାଇ ରିକ୍ରୁଟିମେଣ୍ଟ ବୋର୍ଡ଼ ଏବଂ ଆଇବିପିଏସ୍ ଭଳି ସଂସ୍ଥା ଜରିଆରେ
- ସ୍ୱତନ୍ତ୍ର ଅନଲାଇନ ସିଷ୍ଟମ ଜରିଆରେ ଖାଲିଥିବା ଏବଂ ନିଯୁକ୍ତି ପ୍ରକ୍ରିୟାକୁ ନିରନ୍ତର ଅନୁଧ୍ୟାନ କରାଯାଉଛି
- କର୍ମଯୋଗୀ ପ୍ରାରମ୍ଭ ମୋଡ୍ୟୁଲ ଜରିଆରେ ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନୂତନ ନବନିଯୁକ୍ତଙ୍କ ପାଇଁ ଅନଲାଇନ ପ୍ରଶିକ୍ଷଣ ପାଠ୍ୟକ୍ରମ

DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ପର୍କିତ ଅଧିକ ସୂଚନା ପାଇଁ କର୍ମଯୋଗୀ ମୋଡ୍ୟୁଲ ୱେବସାଇଟ https://igotkarmayogi.gov.in ଦେଖନ୍ତୁ/ କିମ୍ବା କ୍ୟୁଆର୍ କୋଡ୍ ସ୍କାନ କରନ୍ତୁ

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541,